ଆଜି - ଗୁରୁବାର
ତାରିଖ - ୦୨ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୧୯
ତିଥି - ପୂର୍ଣ୍ଣିମା, ପକ୍ଷ-ଶୁକ୍ଳ
ନକ୍ଷତ୍ର - ହସ୍ତା,କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୩: ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସର୍ବଦା ନିଜକୁ ସୁଖୀ ବୋଲି ଦେଖାଇବାକୁ ଚେଷ୍ଟା କର, କାରଣ ଏହା ତୁମର ଚେହେରାରେ ପରିଣତ ହୋଇଯାଏ । କ୍ରମେ କ୍ରମେ ଏହା ତୁମର ଅଭ୍ୟାସ ଏବଂ ପରିଶେଷରେ ଏହା ତୁମର ବ୍ୟକ୍ତିତ୍ୱରେ ପରିଣତ ହୋଇଯାଏ । ।"

- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 40 ISSUE- 348 R.N.I. REGD. No. 44026/86 ବାଲେଶ୍ୱର ୦୨ ଅପ୍ରେଲ ୨୦୨୬ ଗୁରୁବାର BALASORE 02 APRIL 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସାମଜିକ ଗଣମାଧମ 'ଏକ୍ସ'ରେ ସେ କହିଛନ୍ତି, ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସୁପ୍ରାଚୀନ ପରମ୍ପରା ତଥା ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ ସହନଶୀଳତାର ସ୍ୱାକ୍ଷର ବହନ କରେ ଏହି ଦିବସ । ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ରଗଠନରେ ଓଡ଼ିଶାର ଅମୂଲ୍ୟ ଯୋଗଦାନ ଆମ ସମସ୍ତଙ୍କୁ ସବୁବେଳେ ପ୍ରେରଣା ଦେଇଆସିଛି । ବିକଶିତ ଭାରତ ନିର୍ମାଣରେ କୁଶଳ ଏବଂ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ । ଆଜିର ଏହି ଶୁଭ ଅବସରରେ ଓଡ଼ିଶାବାସୀଙ୍କ ସୁଖ-ସମୃଦ୍ଧି ଓ ମଙ୍ଗଳ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଅଛି । ଏଣେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଶୁଭେଚ୍ଛା ବାର୍ତାରେ କହିଛନ୍ତି, ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ଅଂଚଳରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କୁ 'ଓଡ଼ିଶା ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା । ୧୯୩୬ ମସିହା ଆଜିର ଦିନରେ ଭାଷା ଭିତିରେ ଆମ ରାଜ୍ୟ ଓଡ଼ିଶା ପ୍ରଥମ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହେବାର ଗୌରବ ଲାଭ କରିଥିଲା । ଆଜିର ପବିତ୍ର ଦିନରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ସେହି ବରେଣ୍ୟ ସନ୍ତାନମାନଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ଆସନ୍ତୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ଆମର ଗୌରବମୟ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ଆହୁରି ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ ହେବା । ତେଣେ ପବିତ୍ର ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧମ 'ଏକ୍ସ'ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଐତିହାସିକ ଦିବସ ଅବସରରେ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବୋଲି କହିଛନ୍ତି । ଭାଷା ଭିତିରେ ଗଠିତ ପ୍ରଥମ ପ୍ରଦେଶ ଭାବେ ଓଡ଼ିଶା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଏହି ଅବସରରେ ମୁଁ ସେହି ମହାନ ବରପୁତ୍ରମାନଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନଙ୍କ ତ୍ୟାଗ ଓ ଦୂରଦୃଷ୍ଟି ଯୋଗୁଁ ଏକ ସ୍ୱତନ୍ତ୍ର ଓଡ଼ିଶା ସମ୍ଭବ ହୋଇଥିଲା ।



## ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର : ଆଜି ପବିତ୍ର ଉତ୍କଳ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ଜଣାଇଛନ୍ତି । ପିଏମ୍ ମୋଦି ଚିଠି ଆରମ୍ଭରୁ ଜୟ ଜଗନ୍ନାଥ ଲେଖି ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଓଡ଼ିଶା ଦିବସରେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି । ସେ ଲେଖିଛନ୍ତି ଯେ, ଓଡ଼ିଶା ଏହାର ଗୌରବଶାଳୀ ଇତିହାସ ଏବଂ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ । ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ । ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି । ସର୍ବୋପରି, ଏଠାରେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଆଜି ମଧ ସଗୌରବେ ଦଣ୍ଡାୟମାନ । ସାରା ରାଜ୍ୟରେ ଦେବୀ ମା'ଙ୍କୁ ସମର୍ପିତ ଅନେକ ମନ୍ଦିର ଅଛି । ଓଡ଼ିଶାରେ ଭକ୍ତି ଏବଂ କଳାତ୍ମକ ଉତ୍କର୍ଷର ଅଦ୍ଭୁତ ସଂଗମ ଦେଖିବାକୁ ମିଳିଥାଏ ବୋଲି ପ୍ରଧାନମନ୍ତ୍ରୀ ଓଡ଼ିଶାର ଗାରିମା ମଣ୍ଡି ଚିଠିରେ ଲେଖିଛନ୍ତି । ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକଙ୍କ ପଖରେ ରହିଛି । ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ସାହସ ବିଷୟରେ ତ ସମସ୍ତେ ଊଣା ଅଧିକ ଜଣିଛନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସାରଳା ଦେବୀ, ପାର୍ବତୀ ଗିରି ଏଙ୍ଗ ଏପରି ଅଗଣିତ ମହାପୁରୁଷ ଆମ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ।



## ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ । ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଓଡିଶାର ଜନସାଧାରଣ ତଥା ଯୁବପିଢିଙ୍କୁ ବରପୁତ୍ର ମାନଙ୍କ ସ୍ମୃତି ସହିତ ଯୋଡି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ର ମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି । ସାଧାରଣ ସ୍ଥାନରେ ଜନ୍ମହୋଇ, ଅସାଧାରଣ କାମ କରି ମଣିଷ କିପରି ଈଶ୍ୱରତୁଲ୍ୟ ହୋଇପାରେ, ତା'ର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଉତ୍କଳମଣି । ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦୀପ୍ତିମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ । ଏହି ଅବସରରେ ସତ୍ୟବାଦୀ ମହୋତ୍ସବ ସମୟରେ ସେ କରିଥିବା ଘୋଷଣା ବିଷୟରେ ମୁଖ୍ୟମନ୍ତ୍ରୀ ଦୋହରାଇଥିଲେ । ସେ କହିଥିଲେ ଯେ ଗୋଟିଏ ଜାତିର ଉତାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା । ଅସ୍ମିତା ବିନା ଗୋଟିଏ ଜାତି ଆତ୍ମା ବିହୀନ ମେସିନ୍ ପରି । ତେଣୁ, ଅର୍ଥନୈତିକ ବିକାଶ ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଆମର ପ୍ରାଥମିକତା । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରମ ଆରାଧ । ଜଗନ୍ନାଥଙ୍କ ଭକ୍ତିରେ ହିଁ ଓଡ଼ିଆ ଜାତିର ଶାନ୍ତି । ତାଙ୍କ ଆଶୀର୍ବାଦରେ ଓଡ଼ିଶା ଆଜି ୯୦ଟି ଗୌରବମୟ ବର୍ଷ ଅତିକ୍ରମ କରି ବର୍ତମାନରେ ପହଂଚିଛି । ମହାପ୍ରଭୁଙ୍କ ଶୀକ୍ଷେତ୍ର ଓ ପୁରୀ ସହରର ବିକାଶ ପାଇଁ ଆମ ସରକାର ପ୍ରତିଶୃତିବଦ୍ଧ । ସେ ଆହୁରି ମଧ କହିଥିଲେ ଯେ ପୁରୀ ଠାରେ ଏକ World Tourism Centre ପ୍ରତିଷ୍ଠା କରାଯିବ । ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ ଆମେ ପଦକ୍ଷେପ ନେଇଛୁ । ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ ବିଶ୍ୱସ୍ତରୀୟ ଇକୋଟୁରିଜିମ୍ ହବ୍‌ରେ ପରିଣତ କରାଯିବ ।



## ଅଳ୍ପରେ ଖବର

» ଓଡ଼ିଶା ଦିବସର ଶୁଭକାମନା ଜଣାଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଦିବସ ଅବସରରେ ଓଡ଼ିଶାର ଭଉଣୀ ଓ ଭାଇମାନଙ୍କୁ ଅନେକ ଶୁଭେଚ୍ଛା ।

» ଚାଷୀଙ୍କ ଠାରୁ ଧାନ କିଣିବା ଅବଧିକୁ ଆଉ ୭ ଦିନ ପାଇଁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଏସମ୍ପର୍କରେ ସୂଚନା ଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଚଳିତ ଖରଫ ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣି ସାରିଛୁ ।

» ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ପୋଲିସ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ସାହସୀ ଓ ନିଷ୍ଠାବାନ ପୋଲିସ କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

» ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିବକୁମାର ସ୍ୱାମୀଜୀଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଭିଡ଼ିଓ ବାର୍ତା ଜରିଆରେ 'ଓଡ଼ିଶା ଦିବସ'ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପବିତ୍ର 'ଓଡ଼ିଶା ଦିବସ' ଅବସରରେ ଦେଶ ତଥା ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭାଇ-ଭଉଣୀମାନଙ୍କୁ ଭିଡ଼ିଓ ବାର୍ତା ଜରିଆରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ୨୦୨୬ରୁ ୨୦୩୬ - ଆଗାମୀ ୧୦ ବର୍ଷ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନର ଶତାବ୍ଦୀ ପୂର୍ତି ଅଭିମୁଖେ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ବୋଲି ଅଭିହିତ କରିବା ସହ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିନ । ଆଜିର ଦିନ କେବଳ ଏକ ତାରିଖ ନୁହେଁ, ଏହା ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସଂଘର୍ଷର ବିଜୟ ଉତ୍ସବ । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଆମ ମହାପୁରୁଷମାନଙ୍କର ଅତୁଳନୀୟ ଅବଦାନ ରହିଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ,ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସ୍ୱଭାବକବି ଗଙ୍ଗାଧର ମେହେର ଏବଂ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଭାଷାପ୍ରୀତି ଓ ଅଗଣିତ ବରପୁତ୍ରଙ୍କ ତ୍ୟାଗ ଆମ ଜାତିର ମୂଳଦୁଆ । ସେମାନଙ୍କ ସଂଘର୍ଷ ଯୋଗୁଁ ଆଜି ଆମ ଓଡ଼ିଆ ଜାତି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ୨୦୩୬ରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେବାକୁ ଥିବାବେଳେ, କେନ୍ଦ୍ରମନ୍ତ୍ରୀ ପ୍ରତ୍ୟେକ ଓଡ଼ିଆଙ୍କୁ ନିମ୍ନଲିଖିତ ୧୦ଟି ସଂକଳ୍ପ ନେବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଆଜି ଠାରୁ ଠିକ୍ ୧୦ ବର୍ଷ ପରେ ୨୦୩୬ରେ ଆମ ରାଜ୍ୟ ଓଡ଼ିଶା ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଆମ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ । ଏଥିପାଇଁ ଆଗାମୀ ୧୦ ବର୍ଷରୁ ୨୧ ବର୍ଷ ଅତ୍ୟନ୍ତ ନିର୍ଣ୍ଣାୟକ ଓ ମହତ୍ୱପୂର୍ଣ୍ଣ । ତେଣୁ ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଆତ୍ମସମୀକ୍ଷାର ଦିନ । ଏହି ସମୟରେ ଆମକୁ ସଂକଳ୍ପ ନେବାକୁ ହେବ ଯେ –ଆମେ ଆମର ମାତୃଭାଷାକୁ ସମ୍ମାନ ଦେବା ଏବଂ ଏହାର ପ୍ରଚାର ପ୍ରସାର କରିବା । ଓଡ଼ିଶାର ବିକାଶ ଓ ପ୍ରଗତିରେ ନିଜ ନିଜ କ୍ଷେତ୍ରରେ ଅବଦାନ ଦେବା । ଜାତି, ଧର୍ମ ଓ ଭେଦଭାବ ଭୁଲି ଏକ ସମୃଦ୍ଧ ଏବଂ ସଶକ୍ତ ଓଡ଼ିଶା ଗଠନରେ ସହାୟକ ହେବା । ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଂଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରିବା । ଆମର ବିଦ୍ୟାଳୟ, ମନ୍ଦିର, ଐତିହ୍ୟ ସ୍ଥଳୀ ଓ ରାସ୍ତାଘାଟକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା । ଜଳ ଓ ଶକ୍ତିର ସଂରକ୍ଷଣ କରି ପ୍ରକୃତିର ସୁରକ୍ଷା କରିବା । ବର୍ତମାନ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ସ୍ଥିତି ବା ଯେକୌଣସି ଘଡ଼ିସନ୍ଧି ମୁହୂର୍ତରେ ଧୈର୍ଯ୍ୟର ସହ ପରିସ୍ଥିତିକୁ ମୁକାବିଲା କରିବା ଏବଂ ଅନ୍ୟମାନଙ୍କୁ ମଧ ଭୟଭୀତ ନ ହେବା ପାଇଁ ସାହସ ଓ ସହଯୋଗ ପ୍ରଦାନ କରିବା ।



## ୩୦ ଜିଲ୍ଲା ପାଇଁ ଯୋଜନା କମିଟି ଗଠନ କଲେ ରାଜ୍ୟସରକାର

ଭୁବନେଶ୍ୱର: ୩୦ ଜିଲ୍ଲା ପାଇଁ ଯୋଜନା କମିଟି ଗଠନ କଲେ ରାଜ୍ୟ ସରକାର । ମନ୍ତ୍ରୀ / ବିଧାୟକମାନେ ଏହି କମିଟିର ଅଧକ୍ଷ ରହିବେ । ଯୋଜନା କମିଟିରେ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକଙ୍କୁ ଦାୟିତ୍ୱ ମିଳିଛି । ଅନୁଗୁଳ ଜିଲ୍ଲା ପାଇଁ ଅଶୋକ ମହାନ୍ତି, ବଲାଙ୍ଗିର ଜିଲ୍ଲା ପାଇଁ ଲକ୍ଷ୍ମଣ ବାଗ୍, ବାଲେଶ୍ୱର ଜିଲ୍ଲା ପାଇଁ ପଦ୍ମଲୋଚନ ପଣ୍ଡା, ବରଗଡ଼ ଜିଲ୍ଲା ପାଇଁ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଦ୍ରକ ଜିଲ୍ଲା ପାଇଁ ସିତାଂଶୁ ଶେଖର ମହାପାତ୍ର, ବୌଦ୍ଧ ଜିଲ୍ଲା ପାଇଁ କହ୍ନାଇ ଚରଣ ଡାଙ୍ଗ, କଟକ ଜିଲ୍ଲା ପାଇଁ ଛବି ମଲ୍ଲିକ, ଦେବଗଡ଼ ଜିଲ୍ଲା ପାଇଁ ମନ୍ତ୍ରୀ ସୁରେଶ ପୂଜାରୀ, ଢେଙ୍କାନାଳ ଜିଲ୍ଲା ପାଇଁ ସୀମାରାଣୀ ନାୟକ, ଗଜପତି ଜିଲ୍ଲା ପାଇଁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗଞ୍ଜାମ ଜିଲ୍ଲା ପାଇଁ ପୂର୍ଣ୍ଣଚନ୍ଦ୍ର ସେଠୀ, ଜଗତସିଂହପୁର ଜିଲ୍ଲା ପାଇଁ ଅମରେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ପାଇଁ ଆକାଶ ଦାଶନାୟକ, ଝାରସୁଗୁଡ଼ା ଜିଲ୍ଲା ପାଇଁ ଟଙ୍କଧର ତ୍ରିପାଠୀ, କଳାହାଣ୍ଡି ଜିଲ୍ଲା ପାଇଁ ସୁଧିର ରଂଜନ ପାଟଯୋଶୀ, କନ୍ଧମାଳ ଜିଲ୍ଲା ପାଇଁ ଉମା ଚରଣ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦୁଝର ଜିଲ୍ଲା ପାଇଁ ଫକୀର ମୋହନ ନାଏକ, ଖୋର୍ଦ୍ଧା ଜିଲ୍ଲା ପାଇଁ ପ୍ରଶାନ୍ତ କୁମାର ଜଗଦ୍ଦେବ, କୋରାପୁଟ ଜିଲ୍ଲା ପାଇଁ ରଘୁରାମ ମାଛ, ମାଲକାନଗିରି ଜିଲ୍ଲା ପାଇଁ ନରସିଂହ ମାଡକାମୀ, ମୟୂରଭଞ୍ଜ ଜିଲ୍ଲା ପାଇଁ ଭାସ୍କର ମଢେଇ, ନବରଙ୍ଗପୁର ଜିଲ୍ଲା ପାଇଁ ଗୌରୀଶଙ୍କର ମାଝୀ, ନୟାଗଡ଼ ଜିଲ୍ଲା ପାଇଁ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୂଆପଡ଼ା ଜିଲ୍ଲା ପାଇଁ ଜୟ ଢୋଲକିଆ, ପୁରୀ ଜିଲ୍ଲା ପାଇଁ ଓମ୍ ପ୍ରକାଶ ମିଶ୍ର, ରାୟଗଡ଼ା ଜିଲ୍ଲା ପାଇଁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ବଲପୁର ଜିଲ୍ଲା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସୁବର୍ଣ୍ଣପୁର ଜିଲ୍ଲା ପାଇଁ ରଘୁନାଥ ଜଗଦଲା, ସୁନ୍ଦରଗଡ଼ ଜିଲ୍ଲା ପାଇଁ ଦୁର୍ଗା ଚରଣ ତନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି ।



## ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଆରୋକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର: ବୁଧବାର ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପଦକ ପ୍ରଦାନ କରିଛନ୍ତି । ଶାଖା) ଅଖିଳେଶ୍ୱର ସିଂ, ଡିସିପି (ଭୁବନେଶ୍ୱର) ଜଗମୋହନ ମୀନା,




ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ଲୋକଙ୍କ ଧନଜୀବନ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୭୮ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକ ପଦକ (ଡିଜିପି ପଦକ) ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍ ସାଇନି , ଆଇଜିପି (ଅପରେସନ) ଡ ଦୀପକ କୁମାର, ଆଇଜିପି (କ୍ରାଇମବ୍ରାଂଚ) ଡ ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ସ୍ୱତନ୍ତ୍ର ଗୁଇନ୍ଦା ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସପି (ସ୍ପେଶାଲ ବ୍ରାଂଚ) ସୁନିଲ କୁମାର ନନ୍ଦ, ଏସପି (ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୈରୀ) ଅଶୋକ କୁମାର ଦେହୁରୀଙ୍କ ସମେତ ଏସଓଜିର ୨୯ ଜଣ, ସ୍ପେଶାଲ ବ୍ରାଂଚର ୭ଜଣ, ଏସ୍‌ଆଇଡବ୍ଲୁ ର ୧୦ ଜଣଙ୍କ ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତିଙ୍କ ଉପସ୍ଥିତିରେ ରାଜ୍ୟର ପ୍ରମୁଖ ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ ଏବଂ ସଦସ୍ୟ ବିଜେପିରେ ହେଲେ ସାମିଲ

ଭୁବନେଶ୍ୱର : ଭାରତୀୟ ଜନତା ପାର୍ଟୀର ନୀତି ଓ ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଓଏସ୍‌ସିବି)ର ଅଧକ୍ଷ ଶ୍ରୀ ଟି.ପ୍ରସାଦ ରାଓ ଡୋରା, ରାଜ୍ୟ ସମବାୟ ସଂଘ (ଓଏସସିୟୁ) ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡଙ୍ଗୀ, ଅର୍ବାନ ବ୍ୟାଂକ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଶ୍ରୀମତୀ ଦେବସ୍ମିତା ସାହୁ, ଫିସଫେଡ ଅଧକ୍ଷ ଶ୍ରୀମତୀ ସସ୍ମିତା ରାଉତ, ଓପୋଲଫେଡ ଅଧକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମଫେଡ ଅଧକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ ଅଧକ୍ଷ ପ୍ରମୋଦ କୁମାର ସାମନ୍ତରାୟ, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଂକର ପୂର୍ବତନ ଅଧକ୍ଷ ବିଭୁଦେନ୍ଦୁ ପଟ୍ଟନାୟକ, ରାଜ୍ୟ ସମବାୟ ସଂଘ, ସ୍ୱୟଂଶ୍ରୀ ମହିଳା ସମିତି, ଯାଜପୁର ହାଉସ ବିଲ୍ଡିଂ, କନକଦୁର୍ଗା ମହିଳା କୋଅପରେଟିଭ ସୋସାଇଟି, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ, ବ୍ରହ୍ମପୁର ସିସିବି, ବିଭିନ୍ନ କୃଷିଭିତିକ ସମବାୟ ସଂସ୍ଥାର ଶତାଧିକ ନିର୍ଦ୍ଦେଶକବୃନ୍ଦ ଏବଂ ସଦସ୍ୟମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।



# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଓଡ଼ିଆ ପକ୍ଷର ପ୍ରଥମ ଦିନ ପାଳିତ




ବାଲଶ୍ୱର(ନି.ପ୍ର.) ଆଜି ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଓ ଓଡ଼ିଆ ପକ୍ଷର ପ୍ରଥମ ଦିନ ଉତ୍ସାହ ଓ ଉଦ୍ଯାପନାର ସହିତ ପାଳିତ ହୋଇଛି ।ପ୍ରାତଃ ୪.୩୦ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଓଡ଼ିଶାର ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ପରିବେଷଣ କରାଯାଇ ସହର ପରିକ୍ରମା କରାଯାଇଥିଲା । ପୂର୍ବାହ୍ନ ୮.୩୦ ଘଟିକାରେ ଓଡ଼ିଶା ଦିବସ ଉପଲକ୍ଷେ ପଦଯାତ୍ରା ଆୟୋଜିତ ହୋଇଥିଲା, ଯାହାକୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟାମାନେ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀ-କର୍ମଚାରୀମାନେ ଯୋଗଦେଇଥିଲେ । ପୂର୍ବାହ୍ନ ୯.୦୦ ଘଟିକାରେ ମାନ୍ୟବର ମନ୍ତ୍ରୀ, ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ଏବଂ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଶ୍ରୀ ରବି ନାରାୟଣ ନାଏକ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରବର୍ତ୍ତୀତରେ ସେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବ[ନ କରିଥିଲେ ଏବଂ ଫଟୋ ଏକ୍ଜିବିସନ୍ ଓ ଜୀବନ୍ତ ଚିତ୍ରକଳା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ, ଯେଉଁଥିରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ର ସ୍ୱତନ୍ତ୍ରତା ଆନ୍ଦୋଳନ ର ସମସ୍ତ ମୂକସାକ୍ଷୀ ସେଇ ଚିତ୍ର ମାନଙ୍କ ମାଧ୍ୟମରେ ଦର୍ଷ । ଯାଇଥିଲା ।ପୂର୍ବାହ୍ନ ୧୦.୩୦ ଘଟିକାରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ, ଅତିରିକ୍ତ ଜିଲ୍ଲାପାଳମାନେ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଂଚାସୀନ ଥିଲେ ।ସଭାର ଆରମ୍ଭରେ ଅତିଥିମାନେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ସ୍ଥାନୀୟ କଳାକାରମାନେ "ବନ୍ଦେ ଉତ୍କଳ ଜନନୀ" ଓ "ବନ୍ଦେ ମାତରମ" ପରିବେଷଣ କରିଥିଲେ । ବକ୍ତାମାନେ ଓଡ଼ିଶାର ଐତିହ୍ୟ, ଗୌରବମୟ ଇତିହାସ ଓ ଭବିଷ୍ୟତ ଦୃଷ୍ଟିକୋଣ ବିଷୟରେ ଆଲୋକପାତ କରିଥିଲେ । ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକାଶଶୀଳ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାର ଲକ୍ଷ୍ୟକୁ ସାକାର କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ ।ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜୀବନ୍ତ ଚିତ୍ରକଳାରେ ବାଦଲ ନାୟକ ଶ୍ରେଷ୍ଠ ଚିତ୍ରକାର ଭାବେ ଚୟନିତ ହୋଇଥିଲେ ।ସାଧାରଣ ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଜାତୀୟତାବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ସାଧାରଣ ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରିୟଦର୍ଶୀ ରାଜେଶ ପରିଚାଳନା କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପରିଚାଳନା କରିଥିଲେ ।

# ୯୧ ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳିତ



ବାଲେଶ୍ୱର,(ନି.ପ୍ର.): ପବିତ୍ର ଉତ୍କଳ ଦିବସ ଅବସରରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ୧ ତାରିଖ ପୂର୍ବାହ୍ନ ୮ଘଟିକା ସମୟରେ ପୋଲିସ ପଡ଼ିଆ ଠାରେ ୯୧ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବାଲେଶ୍ୱରର ଏସପି ପ୍ରତ୍ୟୁଷ ଦିୱାକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ପରେ ବକ୍ତବ୍ୟରେ କହିଥିଲେ କି, ଆଜିପରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ପ୍ରଦେଶ ବିହାର ଠାରୁ ଅଲଗା ହୋଇଥିଲା । ସେହିଦିନ ସ୍ୱତନ୍ତ୍ର ଓଡ଼ିଶା ପୋଲିସ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶା ପୋଲିସ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣମାନଙ୍କ ପ୍ରତି ବନ୍ଧୁର ଆଚାର ବ୍ୟବହାର କରିବା ଏକାନ୍ତ ଆବଶ୍ୟକ । ମାଓମୁକ୍ତ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତା'ଛଡ଼ା ଗୁଣାତ୍ମକ ବ୍ୟବହାର ସାଙ୍ଗକୁ ସେବା ମନୋବୃତ୍ତି ନେଇ ଆବାଳ ବୃଦ୍ଧ ବନିତା ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପ୍ରତି ସର୍ବଦା ଗୁଣାତ୍ମକ ଆଚରଣ ପ୍ରଦର୍ଶନ କଲେ ହିଁ ପୋଲିସ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ । ଓଡ଼ିଶା ପୋଲିସ ଗଠନଠାରୁ ଅଦ୍ୟାବଧି ଭାରତବର୍ଷର ତଥା ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ଅଂଚଳ, ସନ୍ତ୍ରାସବାଦ କାର୍ଯ୍ୟକଳାପ ଦମନ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ମତଦାନ, ଦୁର୍ଗାପୂଜା, ରଥଯାତ୍ରା ତଥା ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ ମୁଖ୍ୟ ଅତିଥି ତଥା ଡିଆଇଜି ପିନାକ ମିଶ୍ର । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଯଥା ବିଜୟ କୁମାର ବାରିକ, ସଂଗ୍ରାମ କେଶରୀ ବେହେରା, ଶିଶିର ଜେନା, କୁମାରୀ ଯଶୋଦା ଜେନା, ମନୋଜ କୁମାର ନାୟକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ ।

## ଲଙ୍ଗଳେଶ୍ୱର ପୀଠର ସାମଗ୍ରିକ ବିକାଶ ପାଇଁ ୨୫ କୋଟିର ଅନୁଦାନ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ବସ୍ତା ବିଧାୟିକା ସୁବାସିନୀ

ବାଲେଶ୍ୱର,(ନି.ପ୍ର.): ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଶୈବପୀଠ ବାବା ଲଙ୍ଗଳେଶ୍ୱର ମନ୍ଦିରର ସମନ୍ୱିତ ବିକାଶ ତଥା ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି ସାକ୍ଷାତକାର ସମୟରେ ବିଧାୟିକା ଜେନା ଲଙ୍ଗଳେଶ୍ୱର ପୀଠର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପୁରାତନ ମନ୍ଦିରର ସୁରକ୍ଷା, ସ୍ଥାୟୀତ୍ୱ ଏବଂ ଏହାର ଅଖଣ୍ଡତାକୁ ବଜାୟ ରଖିବା ସହିତ ନୂତନ ଭାବେ ନବୀକରଣ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ମନ୍ଦିର ପାର୍ଶ୍ୱବର୍ତ୍ତୀ ପାର୍ବତୀ ନଦୀକୂଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରି ସମଗ୍ର ଅଂଚଳକୁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ତେଣୁ ମନ୍ଦିରର ସାମଗ୍ରିକ ଉନ୍ନତି ଓ ପର୍ଯ୍ୟଟନ ଭିତିଭୂମିର ବିକାଶ ପାଇଁ ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିବାକୁ ସେ ଦାବି କରିଥିଲେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଦାବିକୁ ଗୁରୁତ୍ୱର ସହ ଶୁଣିବା ସଙ୍ଗେ ସଙ୍ଗେ ଏହି ପ୍ରାଚୀନ ପୀଠର ଉନ୍ନତି ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



# ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ରସଗୋଲା ମହୋତ୍ସବ ଅନୁଷ୍ଠିତ







ବାଲେଶ୍ୱର,(ନି.ପ୍ର.) 'ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ' ପକ୍ଷରୁ ରସଗୋଲା ମହୋତ୍ସବ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଆଇନଜୀବୀ ହରେକୃଷ୍ଣ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ରସଗୋଲାକୁ ଓଡ଼ିଶାର ବୋଲି ପ୍ରମାଣ କରିବାକୁ ଆମକୁ ବହୁତ ଦିନ ଲାଗିଗଲା । ଜଗନ୍ନାଥଙ୍କର ନାମ ଯେମିତି ସାରା ପୃଥିବୀରେ ଖ୍ୟାତ,ରସଗୋଲା ବି ସେମିତି ବିଖ୍ୟାତ ହେଉଛି । ସେହିପରି ଓଡ଼ିଶାର ବିଭିନ୍ନ ନିଜସ୍ୱ ସାମଗ୍ରୀ ଗୁଡ଼ିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଉଦ୍ୟମ ହେବା ଦରକାର । ଓଡ଼ିଆ ସଂସ୍କୃତି ବହୁତ ପୁରୁଣା । ପ୍ରତିଭା ବିକାଶ ଟ୍ରଷ୍ଟ ଓଡ଼ିଆ ସଂସ୍କୃତି ପାଇଁ ନିଷ୍ଠିତ ତୃଣମୂଳ ସ୍ତରରୁ କାମ କରୁଛି ଓ ଏହା ନିଷ୍ଠିତ ଆଗକୁ ଯାଇ ରାଜ୍ୟ ପାଇଁ କାମ କରିବ ବୋଲି ଆଲୋଚନା ହୋଇଥିଲା । ଏହାବ୍ୟତିତ ଅନ୍ୟ କେଉଁଠି ହେଉନାହିଁ ରସଗୋଲା ମହୋତ୍ସବ,କେବଳ ବାଲେଶ୍ୱରରେ ହେଉଥିବାରୁ ପ୍ରତିଭା ବିକାଶ ଟ୍ରଷ୍ଟକୁ ଧନ୍ୟବାଦ । ଜଗନ୍ନାଥ ସଂସ୍କୃତି ସହିତ ରସଗୋଲାର ସମ୍ପର୍କ ନିବିଡ । ଅଧରପଣା ସହିତ ଅନ୍ୟ ଭୋଗରେ ରସଗୋଲା ଲାଗି ହୋଇଥାଏ । ଯେତେଦିନ ଜଗନ୍ନାଥ ରହିଛନ୍ତି ଓଡ଼ିଶାର ରସଗୋଲା ରହିବ ଓ ବିଶ୍ୱରେ ନାଁ କରିବ ବୋଲି ଆଲୋଚନା ହୋଇଥିଲା । ପ୍ରତିଭାକୁ ବିକଶିତ କରିବା ସହିତ ରସଗୋଲାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଟ୍ରଷ୍ଟର ଉଦ୍ୟମ ପ୍ରଶଂସନୀୟ । ସାରା ପୃଥିବୀ ଜାଣିବା ଉଚିତ ଯେ ରସଗୋଲା ଓଡ଼ିଶା । ଦେଶ ବିଦେଶରେ ଓଡ଼ିଶାର ନାଁ ରଖୁଥିବା ରସଗୋଲାକୁ ଆହୁରି ଲୋକାଭିମୁଖୀ କରିବାକୁ ଉଦ୍ୟମ ରଖୁଥିବା ପ୍ରତିଭା ବିକାଶ ଟ୍ରଷ୍ଟର ଉଦ୍ୟମ ପ୍ରଶଂସାଯୋଗ୍ୟ । କାର୍ଯ୍ୟକ୍ରମରେ ଟ୍ରଷ୍ଟର କିଶୋର ଦାସ ମଂଚ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଷ୍ଟଲ ପଡ଼ିଥିଲା । ଯେଉଁଥରେ ଭଳିକି ଭଳି ରସଗୋଲା ସହିତ ଭିନ୍ନ ଭିନ୍ନ ଧରଣର ପିଠା ପ୍ରଦର୍ଶିତ ହୋଇଥିଲା । ତିନିଜଣ ବିଚାରପତିଙ୍କ ଦ୍ୱାରା ପିଠା ଓ ରସଗୋଲାକୁ ଯାଂଚ କରାଯାଇଥିଲା । ଶ୍ରେଷ୍ଠ ଷ୍ଟଲକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା କାଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ଦାସ,ସାଇରୁଲ ହକ,ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର, ଡକ୍ଟର ପଙ୍କଜ ଜେନା,ଉତ୍ସବ ଚେୟାରମ୍ୟାନ ସଂଘମିତ୍ରା ମହାନ୍ତି,ରଶ୍ମିତା ବିଶ୍ୱାଳ, ଚିନ୍ମୟୀ ବିଶ୍ୱାଳ, ସିପ୍ରାରେଖା ମହାପାତ୍ର,ଜ୍ୟୋତିର୍ମୟୀ ସାମଲ,ଭାବଗ୍ରାହୀ ମହାନ୍ତି,ଲମ୍ବୋଦର ନାୟକ, କିଶୋର ଦାସ, ରଘୁନାଥ ପ୍ରଧାନ, କୁମାର କାଶ୍ୟପ, ଭାବଗ୍ରାହୀ ମହାନ୍ତି, ସମରେଶ କୁମାର ସାମଲ, ପ୍ରଶାନ୍ତ କୁମାର ପଣ୍ଡା,ଅରବିନ୍ଦ ବାରିକ,ଶଙ୍କର୍ଷଣ ଧିନ୍ଦା,କୁମାର କାଶ୍ୟପ,ବିଦ୍ୟୁତପ୍ରଭା ପଣ୍ଡା, ପ୍ରଶାନ୍ତ ପଣ୍ଡା,ସୁରଜ ବିଶାଳ, ଯଶୋଦା ନନ୍ଦନ ଆଶ୍, ସଞ୍ଜୀବ ନାୟକ,ଚିନ୍ମୟ ବିଶ୍ୱାଳ,ସୌରୀଶଙ୍କର ପରିଡା ପ୍ରମୁଖ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କିଶୋର ଦାସଙ୍କ ନେତୃତ୍ୱରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାଲେଶ୍ୱର ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ନିଶିକାନ୍ତ ଦୁବେଙ୍କ କୁଶପୁତଳିକା ଦାହ

ବାଲେଶ୍ୱର(ନି.ପ୍ର.)ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମିଥ୍ୟା ଓ ଅପମାନଜନକ ମନ୍ତବ୍ୟକୁ ବାଲେଶ୍ୱର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ହୀନ ମାନସିକତାର ପ୍ରତିବାଦରେ ଆଜି ବାଲେଶ୍ୱର ଫାଣ୍ଡିଛକ ଠାରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ଏବଂ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ ବିଭୁଦତ୍ତ ପରିଡାଙ୍କ ନେତୃତ୍ୱରେ ବିଜେପି ସାଂସଦଙ୍କ କୁଶ ପୁତଳିକା ଦାହ କରାଯାଇଛି । ବିଜୁ ବାବୁ କେବଳ ଜଣେ ନେତା ନୁହଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ଆବେଗ । ତାଙ୍କ ପ୍ରତି କରାଯାଇଥିବା ଏଭଳି ଦାୟିତ୍ୱହୀନ ଟିପ୍ପଣୀକୁ କୌଣସି ବି ଓଡ଼ିଆ ବରଦାସ୍ତ କରିବେ ନାହିଁ ବୋଲି ଯୁବ-ଛାତ୍ର ଜନତା ଦଳ କୁହାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ସ୍ୱରୂପ କୁମାର ଦାସ,ସୁକାନ୍ତ ନାୟକ,ସୁଧାଂଶୁ ଶେଖର ପରିଡା,ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗରିଶ ଚନ୍ଦ୍ର ଦାଶ,ରାଜ୍ୟ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ,ଉପ ସଭାପତି ତାପସ ପାଣିଗ୍ରାହୀ, ବରିଷ୍ଠ ନେତା ରଂଜନ ବାଗ,ମୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ,ଟାଉନ ବିଜେଡି ସଭାପତି ମନୋଜ ରାଉତ,ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ପୂର୍ବତନ ଫକୀର ମୋହନ କଲେଜ ସଭାପତି ହରେକୃଷ୍ଣ ପ୍ରଧାନ,ସୌଭାଗ୍ୟ ଖୁ[ଆ,ବିକାଶ ବେହେରା,ତପନ ଦାସ,କାଉନସିଲର କବିତା ମୃମୁ,ସକିର ଖାନ,ସେକ ଅନସର,ସଂଜୟ ବେହେରା,ମୀନା ମହାନ୍ତି,ଭରତ ଭୂଷଣ ଦାସ,କାର୍ତ୍ତିକ ସାହୁ,ଅତୁଲ ଶତପଥୀ,ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



## ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ

ବାଲେଶ୍ୱର,(ନି.ପ୍ର.): ଉତ୍କଳ ସମ୍ମିଳନୀ, ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ୯୧ତମ ଉତ୍କଳ ଦିବସ ଅବସରରେ ଦିବା ୮ଟାରେ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ଅବସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂ□ରେ ପୁଷ୍ପମାଲ୍ୟ ଅର୍ପଣ ସହ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା ।ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଶିରିଶ ଚନ୍ଦ୍ର ଜେନା ଅତିଥି, 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ବକ୍ତାଭାବେ ଯୋଗ ଦେଇଥିଲେ । ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, କାଳୀପଦା ପଣ୍ଡା, ରତ୍ନାକର ଦାସ, ରାଜେଶ ଗିରି, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ ଦାସ, ଅପର୍ଣ୍ଣା ମହାପାତ୍ର, ସ୍ନେହଲତା ଦାଶପତି, ତ୍ରିଦିବ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରବିକୁମାର ପାଣିଗ୍ରାହୀ, ଅଜିତ କୁମାର ବରାଳ, ନିରଞ୍ଜନ ପରିଡ଼ା, ରମେଶଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ କାର୍ଯ୍ୟକ୍ରମରେ ଡ. ଜେନା ବକ୍ତା ଭାବେ ଯାଗ ଦେଇ ଉତ୍କଳ ସମ୍ମିଳନୀର ଭୂମିକା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁ ଓ ବହୁମୁଖୀ ପ୍ରତିଭାଧାରୀ ରାଜା ବୈକୁଣ୍ଠନାଥ ଦେ'ଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ତୃତୀୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ପାତ୍ର ଓ ବକ୍ତା ଭାବେ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଏଥିରେ ସାହିତ୍ୟ ପରିଷଦର ସଂପାଦକ ରତ୍ନାକର ସିଂହ, ସଦସ୍ୟ ତପନ ରାୟ, ପ୍ରଦୀପ ଚାଟାର୍ଜୀ, ଦୀପକ ବୋଷ, ବିଷ୍ଣୁ ପ୍ରସାଦ ମହାନ୍ତି, ଶାନ୍ତି ବିଶି, ଦିଲ୍ଲୀପ ଚକ୍ରବ□ୀ, ଅର୍ଚ୍ଚନା କର, କୁମର ନାଥ ପାତ୍ର, ରମାକାନ୍ତ ମହାନ୍ତି, ଗୀତାଞ୍ଜଳି ଶତପଥୀ, ଅଶ୍ୱିନୀ କୁମାର ମହାନ୍ତି, ଯତୀନ୍ଦ୍ର କୁମାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମଲୋଚନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଆସାମୀ ମାନଙ୍କୁ ଗିରଫ କରିବାକୁ ଦାବି କଲେ ପତ୍ନୀ

ବାଲେଶ୍ୱର (ନି.ପ୍ର.) ଫରେଷ୍ଟର ପଦ୍ମଲୋଚନ ପାତ୍ର ଓ ତାଙ୍କ ସହ କର୍ମୀ ଙ୍କୁ କୁଲ ଡିହା ରେଞ୍ଜ ଏ ସି ଏଫ ସୁବ୍ରତ ବେହେରା ଓ ତାଙ୍କ ସହ କର୍ମୀ ମାନେ କିଛି ଦିନ ତଳେ ସାମାନ୍ୟ ଯାନ ଓଭର ଟେକ ଘଟଣା କୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ । ବରହମପୁର ଥାନା ରେ ଏତଲା ଦିଆଯିବା ପରେ ମଧ ଆସାମୀ ମାନଙ୍କ ବିରୋଧ ରେ ତଦନ୍ତ ହେଉ ନାହିଁ କିମ୍ବା ଗିରଫ କରାଯାଉ ନାହିଁ । ତେଣୁ ଉପଯୁକ୍ତ ନ୍ୟାୟ ପାଇବା ଲାଗି ମଙ୍ଗଳ ବାର ମଧ୍ୟାହ୍ନ ରେ ପଦ୍ମଲୋଚନ ଙ୍କ ଧର୍ମପତ୍ନୀ ଦୀପ୍ତିମୟୀ ପାତ୍ର ଓ ତାଙ୍କର ସମ୍ପର୍କୀୟ ମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକପ୍ରତ୍ୟୁଷ ଦିୱାକର ଙ୍କୁ ସାକ୍ଷାତ କରି ତୁରନ୍ତ ଆସମୀ ମାନଙ୍କ ବିରୋଧ ରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରି ଦାବି ପତ୍ରପ୍ରଦାନ କରିଛନ୍ତି । ଏକ ପ୍ରତିକ୍ରିୟା ରେ ଶ୍ରୀମତୀ ପାତ୍ର କହିଛନ୍ତି କି ଏ ସି ଏଫ ଶ୍ରୀ ବେହେରା ଉଚ୍ଚ ପଦସ୍ଥ ଅଧିକାରୀ ଓ ସେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ବରହମପୁର ଥାନା ଅଧିକାରୀ କୋହଳ ଦଫା ଲଗାଇଛନ୍ତି । ମାମଲା ପ୍ରତ୍ୟାହାର କରିବାକୁ ଶ୍ରୀ ବେହେରା ଚାପ ପକାଉଥିବା ବେଳେ ଥାନା ଅଧିକାରୀ ମଧ ଶ୍ରୀମତୀ ପାତ୍ର ଙ୍କୁ ବାରମ୍ବାର ଥାନା ରେ ଆଶାଳୀନ ବ୍ୟବହାର କରିଛନ୍ତି ।



କୌଣସି ଉପାୟ ନ ପାଇ ସେ ଆରକ୍ଷୀ ଅଧିକ୍ଷକ ଙ୍କ ନିକଟକୁ ଆସିଛନ୍ତି । ଆରକ୍ଷୀ ଅଧିକ୍ଷକ ମଧ ଘଟଣା ର ତଦନ୍ତ କରାଯାଇ ଆସାମୀ ମାନଙ୍କ ବିରୋଧ ରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତି ପାତ୍ର ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି କି ଏତଲା ଉପରେ ସମ୍ପୃକ୍ତ ଥାନା ର ତଦନ୍ତକାରୀ ଅଧିକାରୀ ତଦନ୍ତ କରୁଛନ୍ତି । ଠିକ ସମୟ ରେ ଆସାମୀ ମାନଙ୍କ ବିରୋଧ ରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ତେବେ ଏତଲା କୁ ଆଧାର କରି ବି ଏନ ଏସ ର ଦଫା ଲଗାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉତ୍କଳ ଦିବସ ପାଳନ ସହିତ ମିଳିତ ଜଳଦାନ କେନ୍ଦ୍ରର ଶୁଭାରମ୍ଭ



ବାଲେଶ୍ୱର,(ନି.ପ୍ର.): ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ମୁଖ୍ୟଫାଟକ ପାର୍ଶ୍ୱରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକଙ୍କ ଦ୍ୱାରା ଏକ ଜଳଦାନ କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରକୁ ଉଦ୍‌ଘାଟନ କରି ଶ୍ରୀଯୁକ୍ତ ନାଏକ ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ଓ ସମାଜସେବକ ମାନଙ୍କର ସେବା ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ । ବର୍ଷ ବର୍ଷ ଧରି ନିଜ ଅର୍ଥରେ ଏଭଳି ଏକ ଜଳଦାନ କେନ୍ଦ୍ର ଦୀର୍ଘ ଅଢ଼େଇ ମାସ ଧରି ପରିଚାଳନା କରିବା ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବନମାଳୀ ନାୟକ, ସାଧାରଣ ସମ୍ପାଦକ ଦାମୋଦର ନାୟକଙ୍କ ସମେତ ସମସ୍ତ କର୍ମକ□ା, 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ସହିତ ଉଭୟ ସଂଗଠନର ସଦସ୍ୟ ଅକ୍ଷୟ କୁମାର ତ୍ରିପାଠୀ, ଅକ୍ଷୟ କୁମାର କର, ପଦ୍ମଲୋଚନ ଦ□, କମଳାକାନ୍ତ ନାୟକ, ଡ. ତାରାକାନ୍ତ ନନ୍ଦ, ଗୌରପ୍ରିୟ ମିଶ୍ର, ଭାଗିରଥି ମହାନ୍ତି, ଯୋଗେନ୍ଦ୍ର ନାଥ ସିଂହ, ସଞ୍ଜୟ କୁମାର ପଣ୍ଡା (ଖ), ରବିନାରାୟଣ ବେହେରା, ଗୀତାଞ୍ଜଳି ଶତପଥୀ ପ୍ରମୁଖ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଉକ୍ତ ଜଳଦାନ କେନ୍ଦ୍ର ଏପ୍ରିଲ୍ ପହିଲାରୁ ରଜସଂକ୍ରାନ୍ତିଯାଏ ପରିଚାଳିତ ହେବ ।

ଉଦ୍‌ଘାଟନ ପରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘ ବିଶ୍ରାମାଗାରରେ ଉତ୍କଳ ଦିବସ ପାଳନ କରାଯାଇଥିଲା । ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ସଭାପତିଙ୍କ ସମେତ ସମସ୍ତ କର୍ମକ□ା ଓ ସଦସ୍ୟମାନେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ସମ୍ମାନ ଓ ଶ୍ରଦ୍ଧା ଜଣାଇଥିଲେ । ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ 'ଉତ୍କଳ ଜନନୀ' ଶୀର୍ଷକ ସ୍ୱରଚିତ କବିତା ପାଠ କରିଥିଲେ । ଡ. କ୍ଷୀତିଶ୍ୱର ଦାଶ, ଜୟଚନ୍ଦ୍ର ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନିରଞ୍ଜନ ପରିଡ଼ା, ନରେଶ ଚନ୍ଦ୍ର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଏହି ଦିବସ ପାଳନର ତାତ୍ପର୍ଯ୍ୟ, ଅବାଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଯେଉଁ ବରପୁତ୍ରମାନେ ଭାଷାଭି□କ ସ୍ୱତନ୍ତ୍ର ରାଜ୍ୟ ଗଠନରେ କଷ୍ଟ ଓ ତ୍ୟାଗ ସ୍ୱୀକାର କରିଯାଇଛନ୍ତି ସେମାନେ ସର୍ବଦା ପୂଜନୀୟ । ଏହି ଦିବସ ପାଳନ ଚିରାଚରିତ ଭାବରେ ପାଳନ ନହୋଇ ବିଶେଷ ଭାବରେ ଯୁବପିଢ଼ିଙ୍କୁ ସାମିଲ କଲେ ଆମର ଉ□ର ପିଢ଼ି ଏ ବାବଦରେ ସଚେତନ ହେବେ । ଆମର ଭାଷା, ସଂସ୍କୃତି ଓ ପରମ୍ପରାର ରକ୍ଷଣାବେକ୍ଷଣ ସହିତ ଅଭିବୃଦ୍ଧିରେ ଯୁବବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ । କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇଙ୍କ ସମେତ କେଶବ ମହାନ୍ତି, ଶଚୀନ୍ଦ୍ର ଦାସ, ସତ୍ୟନାରାୟଣ ନାୟକ, ଲମ୍ବୋଦର ଗିରି ଓ ତପନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଉଭୟ କାର୍ଯ୍ୟକ୍ରମ ପରିଚାଳନାରେ ଭବେଶ ପଣ୍ଡା, ଅନୁପ ଆଚାର୍ଯ୍ୟ, ଶେଖ୍ ଆଲ୍ଲାଉଦ୍ଦିନ୍, ନିଆସୀ ଜେନା, କାଳିଚରଣ ବେହେରା, ଦିଲ୍ଲୀପ ଚକ୍ରବ□ୀ, ଅନନ୍ତ ଦାସ, ତପନ ପଣ୍ଡା ସହଯୋଗ କରିଥିଲେ । ସର୍ବଶେଷରେ ଦାମୋଦର ନାୟକ ଶେଷକଥା ରଖିବା ସହିତ ଧନ୍ୟବାଦ ଦେଇଥିଲେ ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ପୂର୍ବାହ୍ନରେ ବିଦ୍ୟାରମ୍ଭ ଯଜ୍ଞ ଓ ଉତ୍କଳ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଛାତ୍ର ଗୁରୁମାଆ, ଗୁରୁଜୀ ମାନେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଖଗଡେଶ୍ୱର ମହାଦେବ ମନ୍ଦିର ପୋଖରୀରୁ ଘଟତୋଳନ କରି ବିଦ୍ୟାରମ୍ଭ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ପଣ୍ଡିତ ଙ୍କ



ଦ୍ୱାରା ବିଦ୍ୟାରମ୍ଭ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯଜ୍ଞ ସମାପନ ହେବା ପରେ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଂଚାନନ ପଣ୍ଡା ଛାତ୍ରୀ ଛାତ୍ର ମାନଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଥଲେ । ଏହି ଅବସରରେ ଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟା ରାଣୀ ଜେନା ପରିଚାଳନା କରିଥିଲେ । ଏହି ସଭାରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ବୀର ମାଧବ ଦାସ, ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଦେବବ୍ରତ ଦଣ୍ଡପାଟ, କୋଷାଧକ୍ଷ ନଗେନ୍ଦ୍ର ଦଣ୍ଡପାଟ, କମିଟିର ସଦସ୍ୟ ହିମାଂଶୁ ଜେନା, କମଳାକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲ । ଏହି କାର୍ଯ୍ୟ କ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଛାତ୍ରଙ୍କ ସହିତ ଗରୁମା ଓ ଗୁରୁଜୀ ଉପସ୍ଥିତ ଥିଲେ ।

# ପାରାଦ୍ୱୀପ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ



ପାରାଦୀପ(ନିପ୍ର): ପାରାଦୀପ ମହାବିଦ୍ୟାଳୟ ଆଲୁମୁନି ଆସୋସିଏସନ ଏବଂ ଏନ୍ସିସି ଆଲୁମ୍ନି ଆସୋସିଏସନ୍ ମିଳିତ ଭାବେ ଆନୁକୂଲ୍ୟରେ ଉତ୍କଳ ଦିବସ ବୁଧବାର ଦିନ କଲେଜ ପରିସରରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧକ୍ଷା ଡ଼. ସସ୍ମିତା ଶତପଥୀ ଏବଂ ଇତିହାସ ବିଭାଗର ମୁଖ୍ୟ ତଥା ଆଲୁମୁନି ଆସୋସିଏସନ ର ଆବାହକ ଅକ୍ଷୟ ଚନ୍ଦ୍ର ମିଶ୍ର, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ନଳିନୀ ସାହୁ, ଶଙ୍କର ପ୍ରସାଦ ରାଉତ, ମନମୋହନ ମିଶ୍ର, ବିଶ୍ୱଜିତ ସାମଲ ଏବଂ ଏନ ସି ସି ଆଲୁମୁନିର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ନୀଳିମା ପ୍ରିୟଦର୍ଶିନୀ, ହରପ୍ରିୟା ପଟ୍ଟନାୟକ, ପଦ୍ମନାଭ ଦାସ, ଧର୍ମପଦ ବାଡ଼ଇ, ପିକୁନ ସେନାପତି ଏବଂ ଏନ ସି ସି କ୍ୟାଡଟ କଲେଜର ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ଆମ ମାଟିର ମହାନ ସ୍ୱାଧୀନତା ସେନାନୀ, ସାହିତ୍ୟିକ ଓ ସମାଜ ସେବୀମାନଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ । ଏହି ଦିବ୍ୟ ପୁରୁଷ ମାନଙ୍କର ତ୍ୟାଗ, ସଂଘର୍ଷ ଓ ଦୃଢ଼ ସଙ୍କଳ୍ପ ଆମକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଭାବରେ ପରିଚୟ ପ୍ରଦାନ କରିଛି । ଏହି ଅବସରରେ ରାଜ୍ୟର ସମୃଦ୍ଧି, ଏକତା ଓ ଉନ୍ନତି ପାଇଁ ସଦା ପ୍ରତିବଦ୍ଧ ରହିବୁ ବୋଲି ଉପସ୍ଥିତ ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ ।

# ଉତ୍କଳ ଦିବସ ଏବଂ ବିଦ୍ୟାରମ୍ଭ ଦିବସ ଅନୁଷ୍ଠିତ

ସୋର(ନିପ୍ର): ଶୁକ୍ରବାର, କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱାଳନ ପୂର୍ବକ ଶୁଭାରମ୍ଭ କରିଥିଲେ ସହିଦ୍ ମେମୋରିଆଲ କଲେଜ, ଇରମର ଅବସରପ୍ରାପ୍ତ ଅଧକ୍ଷ କଟଚନ୍ଦ୍ର ବେହେରା । ଶ୍ରୀଯୁକ୍ତ ବେହେରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବରପୁତ୍ରମନଙ୍କ ଆକ୍ଲାନ୍ତ ଅବଦାନ ସଂପର୍କରେ ସମ୍ୟକ ଆଲୋକପାତ କରିଥିଲେ । ବିଦ୍ୟାଳଳର ସଭାପତି ଅବସରପ୍ରାପ୍ତ ବି.ଇ.ଡି. କଲେଜ ଅଧକ୍ଷ ଭାଗୀରଥି ସାହୁ ଉତ୍କଳର ମାହାତ୍ମ୍ୟ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଖଗେଶ୍ୱର ସ୍ୱାଇଁ ଏବଂ କୋଷାଧକ୍ଷ ପ୍ରଭାସ ଚନ୍ଦ୍ର ମହାପାତ୍ର ମଧ ଉତ୍ସବରେ ଉପସ୍ଥିତ ଥିଲେ । ବିଦ୍ୟାରମ୍ଭ ଦିବସ ଉପଲକ୍ଷେ ଯଜ୍ଞାନୁଷ୍ଠାନ ସହ ମାଆମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ମଧ ଆୟୋଜିତ ହୋଇଥିଲା । ଆଚାର୍ଯ୍ୟା ଆଶାମଣି ରାଉତ ଅତିଥି ପରିଚୟ ଏବଂ ଆଚାର୍ଯ୍ୟ ତାପସ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସର କାଳିନ ସମ୍ବର୍ଦ୍ଧନା ସମାରୋହ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା-ଦମାପଲା ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ ଠାରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ଼ଃ ସୁଶାନ୍ତ କୁମାର ବିଶି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବିଶି ଯୋଗ ଦେଇଥିଲେ । ଉକ୍ତ ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପୂର୍ବତନ ଛାତ୍ର ମାନଙ୍କ ସହ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଜାଭେଦ ଅହମଦ ଖାନ, ମନବୋଧ ଦାସ, କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀ, କିରାଣୀ ସଂଜୀବ ବିଶିଙ୍କ ସହ ଚତୁର୍ଥ କର୍ମଚାରୀ ଅଶୋକ ରଣା, ନବୀନ ନାଏକ, ଫଂଟୁ ନାଏକ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ଶିକ୍ଷକ ଶ୍ରୀକାନ୍ତ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀକାନ୍ତ କୁମାର ସାମଲ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଗାଁରୁ ୨୦୦୩ ମସିହା ରେ ଆସି ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ ଯୋଗଦେଇ ଦୀର୍ଘ ୨୩ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିଥିଲେ । ସେ ଜଣେ ମେଲାପୀ ମିଷ୍ଟଭାଷୀ ଶାନ୍ତସରଳ ବ୍ୟକ୍ତି ବିଶେଷ ହୋଇଥିବା ହେତୁ କେବଳ ଯେ ବିଦ୍ୟାଳୟ ନୁହେଁ ସ୍ଥାନୀୟ ଅଂଚଳରେ ମଧ ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ । ତାଙ୍କର ବିଦାୟ କାଳିନି ସମ୍ବର୍ଦ୍ଧନା ଉତ୍ସବ ରେ ସହପାଠୀ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସମୟରେ ନିଜେ ସାମଲ ସାର ଓ ବିଦାୟ ଦେଉଥିବା ଶିକ୍ଷକ ଛାତ୍ରଛାତ୍ରୀ ମାନେ କାନ୍ଦି ସାମଲ ସାରଙ୍କ ଭବିଷ୍ୟତ ଜୀବନ କୁସୁମିତ ହେଉ ବୋଲି କହିଥିଲେ । ଅପରପକ୍ଷ ରେ ଚିନ୍ଦାଗୁଡା ଦମାପଲା ନୁହେଁ ଏହି ଅଂଚଳର ଅଧିବାସୀ, ଛାତ୍ରଛାତ୍ରୀ ବହୁତ ସୁନ୍ଦର ଏମାନଙ୍କ ଭଲ ପାଇବା ଜୀବନରେ କେବେ ଭୁଲି ହେବନି ବୋଲି ଶ୍ରୀ ସାମଲ କହିଥିଲେ ।

# ଠକେଇ ଅଭିଯୋଗରେ ଦମ୍ପତି ଗିରଫ

ଉଦଳା(ନିପ୍ର): ଲକ୍ଷାଧିକ ଟଙ୍କା ଠକେଇ ଅଭିଗୋଜରେ ରେମୁଣା ପୋଲିସ ଦୂଗୁଧା ଗ୍ରାମରୁ ଏକ ଦମ୍ପତିଙ୍କୁ ଗିରଫ କରିଛି । ଖବର ନେବାରେ ଜଣାଯାଏ ଉକ୍ତ ଦମ୍ପତି ରେମୁଣା ଅଂଚଳରେ ସରକାରୀ ଜାଗାରେ ଘର କରି ବହୁଦିନ ହେଲା ରହି ବିଭିନ୍ନ ଠକେଇ କାର୍ଯ ରେ ଲିପ୍ତ ରହିଥିଲେ । ଗ୍ରାମାଂଚଳରେ ମହିଳା ମାନଙ୍କୁ ବିଭିନ୍ନ ବ୍ୟାଙ୍କରୁ ଲୋନ୍ କରିଦେବା ପାଇଁ କହି ସେମାନଙ୍କ ପାଖରୁ ଟଙ୍କା ନେଉଥିଲେ ଓ ପରେ ସେମାନଙ୍କୁ ଟଙ୍କା ଫେରସ୍ତ ଦେଉଥିଲେ । ବାଲେଶ୍ୱର ଜିଲ୍ଲା ବିଭିନ୍ନ ଅଂଚଳରୁ ମହିଳା ମାନଙ୍କୁ ଲୁନ୍ କରାଇ ଦେବା ଆଳରେ ପ୍ରାୟ ୬୦ ଲକ୍ଷ ଟଙ୍କା ସେମାନଙ୍କ ଠାରୁ ନେଇ ଫେରାର ହୋଇ ଥିଲେ । ଏଥି ପାଇଁ ଠକାମୀରେ ପଡ଼ିଥିବା ମହିଳା । ରେମୁଣା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ଦୁଇ ବର୍ଷ ହେଲା ଖୋଜି ଖୋଜି ଶେଷରେ ଗତ ସୋମବାର ରାତିରେ ଦୁଗୁଧା ସ୍ଥିତ ନିଜ ବାସ ଭବନ ରେ ଆସି ପହଂଚି ସେମାନଙ୍କୁ ଜଗି ରହି ରେମୁଣା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ରେମୁଣା ପୋଲିସ ଆସି ଉଦଳା ପୋଲିସ ସହାୟତାରେ ଉଭୟ ଦମ୍ପତିଙ୍କୁ ଗିରଫ କରି ନେଇ ଯାଇ ଥିଲେ ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୨ ଗୁରୁତର

ଖୁଂଟା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବଡସାହି ଥାନା ଅନ୍ତର୍ଗତ ନାଉପାଳ ଠାରେ ମର୍ମନ୍ତୁଦସଡ଼କ ଦୁର୍ଘଟଣା । OR -11-D 7126 ନମ୍ବର ବିଶିଷ୍ଟ ପିକଅପ ଭେନ ଏବଂ ଆମ୍ବୁଲାନ୍ସ ସାମ୍ନା ସାମ୍ନୀ ଧକ୍କା ଦୁଃଖଦ ଘଟଣା । ପ୍ରତ୍ୟକ୍ଷ ଦର୍ଶୀ ଙ୍କ ସୂଚନା ଅନୁସାରେ ଆଦ୍ୟ ତା ୦୧.୦୪.୨୦୨୬ ରିଖ ଅପରାହ୍ନ ୩ ଟା ସମୟରେ, ୧୯ ନମ୍ବର ରାଜ୍ୟ ରାଜପଥର ନାଉପାଳ ଠାରେ, ଅତି ଦୃତଗତିରେ ଗୋରୁ ଆଣିବାକୁ ଉଦଳା ଆଡ଼େ ଯାଉଥିବା ପିକଅପ୍ ଭେନ୍ ଟି ସାମ୍ନା ସାମ୍ନି ଧକ୍କା ଦେଇଛି, ରୋଗୀ ନେଇ ବାରିପଦା ପି ଆର ଏମ ମେଡ଼ିକାଲକୁ ଯାଇଥିବା ୧୦୮ ଆମ୍ବୁଲାନ୍ସକୁ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଗାଡି ଦୁଇଟି କୁଚା ହୋଇଯାଇଛି । ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଦୁଇ ଜଣ ଯାକ ଡ୍ରାଇଭରଙ୍କୁ ବହୁତ କଷ୍ଟରେ ଷ୍ଟୟରିଂ ତଳୁ ଉଦ୍ଧାର କରି ପି ଆର ଏମ ମେଡିକାଲକୁ ପଠା ଯାଇଛି । ଆମ୍ବୁଲାନ୍ସରେ ଥିବା ରୋଗୀ ମାନଙ୍କ ଅବସ୍ଥା କଣ ହୋଇଥିବ ?ଲୋକମାନଙ୍କ ଦ୍ୱାରା ଅନ୍ୟ ଏକ ଆମ୍ବୁଲାନ୍ସରେ ରୋଗୀ ମାନଙ୍କୁ ସ୍ଥାନାନ୍ତର କରାଯାଇଛି । ଦୁଇ ଜଣ ଯାକ ଡ୍ରାଇଭର ଙ୍କ ଅବସ୍ଥା ଅତି ସଙ୍ଗୀନ ମୂମୂର୍ଷ ବୋଲି ସୂଚନା ମିଳିଛି । ବଡସାହି ପୋଲିସ ଘଟଣା ସ୍ଥଳରେ ପହଂଚି ଥାନା କେସ ନମ୍ବର ୧୨୮/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ଗ୍ରସ୍ତ ଗାଡି ଗୁଡ଼ିକୁ ଜବତ କରି ଥାନାକୁ ନେବାର ବ୍ୟବସ୍ଥା କରାଯାଇ ଥିବା । ବୋଲି ସୂଚନା ଦେଇଛନ୍ତି ତଦନ୍ତ ଅଧିକାରୀ ଏ ଏସ ଆଇ ଶ୍ରୀ ପତି । ଦୁର୍ଘଟଣା ଘଟାଇଥିବା ପିକ୍ଅପ୍ ଭେନ ଟି ଉଦଳା ଆଡ଼କୁ ଗୋରୁ ଆଣିବାକୁ ଯାଉଥିଲା ଏବଂ ଗୋରୁ ବୋଝେଇ କରି ରାତିରେ ଫେରିଥାନ୍ତା । ରାତିରେ ମଧ୍ୟ ଏମିତି ଦୃତ ଗତିରେ କେବଳ ବେନିୟମ ଗୋରୁ ବୋଝେଇ ଗାଡି ଗୁଡ଼ିକ ହିଁ ୧୯ ନମ୍ବର ରାଜ୍ୟ ରାଜପଥରେ ବେଶି ଯା ଆସ କରୁଥିବା, ପୋଲିସକୁ ମଧ ସୂଚନା ଦେଇଛନ୍ତି ସ୍ଥାନୀୟ ଲୋକେ । ବାରିପଦା ଉଦଳା ରାସ୍ତାର ଅବସ୍ଥା ମଧ୍ୟ ଅତି ସଙ୍କଟାପନ୍ନ ଅବସ୍ଥାରେ ଅଛି । ରାସ୍ତା ମରାମତି ନ ହେବା କାରଣରୁ ଅନେକ ସମୟରେ ବହୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଅଗ୍ନିଶମ ବାହିନୀ ମଧ ଘଟଣା ସ୍ଥଳରେ ପହଂଚି ସହଯୋଗ କରିଛନ୍ତି ।

# ଏଲପିଜି ସିଲିଣ୍ଡର୍ କଳାବଜାରୀ ରୋକିବା ନିମନ୍ତେ ଜିଲ୍ଲାପାଳଙ୍କ ସମୀକ୍ଷା

କଟକ(ନିପ୍ର): ଜିଲ୍ଲାରେ ଏଲପିଜି ସିଲିଣ୍ଡର କଳାବଜାରୀକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଭିଡିଓ କନଫରେନସିଂ ଜରିଆରେ ବରିଷ୍ଠ ସଂମ୍ପୃକ୍ତ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ, ହସ୍ପିଟାଲ ଓ ଅଙ୍ଗନବାଡି କେନ୍ଦ୍ରରେ ଗ୍ୟାସ ଅଭାବ ଯୋଗୁ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୋଇନାହିଁ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଘରୋଇ ଉପଭୋକ୍ତାଙ୍କ ସମେତ ବାଣିଜିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରା[ ଗୁଡିକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ଯୋଗାଇ ଦେବାକୁ



ବୈଠକରେ ଆଲୋଚନା କରାଯାଇ ଥିଲା । ଏଥିସହ ବାଣିଜିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଂଟ ଗୁଡିକୁ ବାଧ୍ୟତାମୂଳକ ଭାବେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗ ନେବାକୁ ଜିଲ୍ଲାପାଳ ମତପ୍ରକାଶ କରିଥିଲେ । ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗୀ କରଣ ନେଇ ଉପଭୋକ୍ତା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଗ୍ୟାସ କଳାବଜାରୀ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହିପରି କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିୟମିତଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଉପସ୍ଥିତ ପୁଲିସ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ବର୍ତମାନ ପରିସ୍ଥିତିରେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖି କାର୍ଯ୍ୟନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପରିସ୍ଥିତିରେ ଜନ ସାଧାରଣ ଯେପରି ଏଲ ପି ଜି ପାଇବାରୁ ବଂିତ ନ ହୋଇ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ ସିଡିଏ ସମେତ କଟକ ସହରର ବିଭିନ୍ନ ଅଂଚଳରୁ ସମୁଦାୟ ୧୦୨ ଟି ଏଲପିଜି ସିଲିଣ୍ଡର ଜବତ କରିଛି ।

# ଓ.ପି.ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥିରେ ଏକାଧିକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୁଳ(ନିପ୍ର): ଓ.ପି ଜିନ୍ଦଲ ଗ୍ରୁପର ଦୂରଦର୍ଶୀ ପ୍ରତିଷ୍ଠାତା ଓ.ପି ଜିନ୍ଦଲଙ୍କ ୨୧ ତମ ପୁଣ୍ୟତିଥି ଅନୁଗୁଳ ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଓ.ପି ଜିନ୍ଦଲଙ୍କ ପରୋପକାରୀ ଦୃଷ୍ଟିକୋଣ ଓ ମୂଲ୍ୟବୋଧରୁ ପ୍ରେରଣା ନେଇ ଜିନ୍ଦଲ ଷ୍ଟିଲର ସାମଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ବ୍ଲଡ୍ ବ୍ୟାଙ୍କ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚଏଚ)ର ସହାୟତାରେ ଅନୁଷ୍ଠିତ ହୋଇଥିବା ଏହି ରକ୍ତଦାନ ଶିବିରରେ କର୍ମଚାରୀ, କର୍ମବୀର, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ସଂପ୍ରଦାୟର ସମସ୍ୟମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ସାମୂହିକ ଉଦ୍ୟମ ଫଳରେ ୩୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା, ଯାହା ଜରୁରୀକାଳୀନ ଚିକିତ୍ସା କ୍ଷେତ୍ରରେ ଉପଯୋଗୀ ହୋଇପାରିବ । ଏହି



ଅବସରରେ ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଶ୍ରୀଯୁକ୍ତ ଦାମୋଦର ମିତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଦୂରଦର୍ଶୀ ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ପି.କେ ବିଜୁ ନାୟାର କହିଥିଲେ, ମୁଁ ସମସ୍ତ ରକ୍ତଦାତାଙ୍କ ପ୍ରତି କୃତଜ୍ଞ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ଏହି ଉଦ୍ୟମରେ ସାମିଲ ହୋଇ ବାଉଜୀଙ୍କ ୨୧ତମ ପୁଣ୍ୟତିଥି ଅବସରରେ ମାନବସେବାରେ ନିଜ ନିଜ ଯୋଗଦାନ ଦେଇଛନ୍ତି । ମୁଁ ବିଶ୍ୱାସ କରେ ଯେ, ଯାହାଙ୍କୁ ଆମେ ଏତେ ଆଦର ଓ ସମ୍ମାନ କରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହା ସବୁଠୁ ସାର୍ଥକ ଉପାୟ । ଯଦିଓ ପ୍ରତ୍ୟକ୍ଷ ଭାବରେ ବାଉଜୀ ଆମ ପାଖରେ ନାହାଁନ୍ତି ତଥାପି ସମାଜ ପ୍ରତି ତାଙ୍କ ସମର୍ପଣ ଆମକୁ ସବୁବେଳେ ପ୍ରେରଣା ଓ ମାର୍ଗଦର୍ଶନ କରି ଆସୁଛି । ଏହି ଅବସରରେ ରକ୍ତଦାନ କରି ଦାମୋଦର ମିତଲ କହିଥିଲେ, "କିଛି ଲୋକ ଆମକୁ କେବେବି ସତରେ ଛାଡି ଯାଆନ୍ତି ନାହିଁ; ସେମାନେ ତାଙ୍କ ମହାନ ଚିନ୍ତାଧାରା ଏବଂ ମୂଲ୍ୟବୋଧ ସହିତ ବଂଚି ରହିଥାନ୍ତି, ଏବଂ ବାଉଜୀ ଜଣେ ଏପରି ବ୍ୟକ୍ତିତ୍ୱ ଯିଏ ଏବେ ବି ଆମର କର୍ମଚାରୀଙ୍କ ହୃଦୟ ଏବଂ ମନରେ ବଂଚି ରହନ୍ତି । ଆମେ ପ୍ରତିବର୍ଷ ତାଙ୍କ ସ୍ମୃତିରେ ଦୁଇଥର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଆସୁଛୁ ଏବଂ ବର୍ତମାନ ପର୍ଯ୍ୟନ୍ତ ଜିନ୍ଦଲ ଷ୍ଟିଲ୍, ଜିଲ୍ଲା ଏବଂ ରାଜ୍ୟର ଅସହାୟ ଲୋକଙ୍କୁ ୧୦,୦୦୦ ୟୁନିଟ୍ ରୁ ଅଧିକ ରକ୍ତ ପ୍ରଦାନ ସାରିଛି । ବର୍ତମାନ ସୁଦ୍ଧା ୧୫ ଥର ରକ୍ତଦାନ କରି ମୁଁ ଗର୍ବିତ ଅନୁଭବ କରୁଛି କାରଣ ଏହା ସମାଜ ପାଇଁ ସର୍ବୋତମ ସେବା ମଧ୍ୟରୁ ଗୋଟିଏ ଯାହା ଆମେ କୌଣସି କ୍ଷତି ବିନା କରିପାରିବା ।" ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନ୍ ଅନୁଗୁଳର ଅବହେଳିତ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କ ସେବା କରୁଥିବା ଆଶ୍ରୟସ୍ଥଳି, ଅନୁଷ୍ଠାନ ଏବଂ ଗୋଶାଳା ସମେତ ବିଭିନ୍ନ ସାମାଜିକ ସଂଗଠନକୁ ମଧ ସହାୟତା ପ୍ରଦାନ କରିଥିଲା । ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ମଧ ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ବାଉଜୀଙ୍କ ଜୀବନର ମୂଲ୍ୟବୋଧ ଏବଂ ଦୃଷ୍ଟିକୋଣ ବିଷୟରେ ଶିଖିଥିଲେ । ଏହି ଅବସରରେ ଦେବଭୂମି ମନ୍ଦିର ଏବଂ ଜିନ୍ଦଲ ନଗର ଟାଉନସିପରେ ମଧ ଅଖଣ୍ଡ ରାମାୟଣ ପାଠ, ପୂଜା ଏବଂ ହୋମଯଜ୍ଞ ସମେତ ଧାର୍ମିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଶ୍ରୀ ଓ.ପି. ଜିନ୍ଦଲ, ଜଣେ ସାଧାରଣ କୃଷକ ପରିବାରରୁ ଆସି ବ୍ୟବସାୟ ଏବଂ ସମାଜ ସେବା ଉଭୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ଆତ୍ମନିର୍ଭରଶୀଳ ଭାରତର ଦୂରଦୃଷ୍ଟି ଲକ୍ଷ୍ୟ ନେଇ ସେ ଓ.ପି. ଜିନ୍ଦଲ ଗ୍ରୁପ୍ ପ୍ରତିଷ୍ଠା କରିଥିଲେ, ଯାହା ଭାରତର ଏକ ପ୍ରମୁଖ ଶିଳ୍ପ ଗୋଷ୍ଠୀରେ ପରିଣତ ହୋଇଛି । ଭାରତୀୟ ଇସ୍ପାତ ଶିଳ୍ପରେ ତାଙ୍କର ଅସାଧାରଣ ଅବଦାନ ପାଇଁ ତାଙ୍କୁ ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରତିଷ୍ଠିତ ଜୀବନବ୍ୟାପୀ ସାଧନା ପୁରସ୍କାରରେ ମଧ ସମ୍ମାନିତ କରାଯାଇଥିଲା । ହରିୟାଣା ବିଧାନସଭାର ସଦସ୍ୟ, ସଂସଦ ସଦସ୍ୟ ଏବଂ ହରିୟାଣା ସରକାରଙ୍କ ଶକ୍ତି ମନ୍ତ୍ରୀ ଭାବରେ ତାଙ୍କ ସାର୍ବଜନୀନ ଜୀବନ ବେଶ ସଫଳ ଥିଲା ।

# ଉତ୍କଳ ଦିବସ ଓ ଆଲୋଚନା ଚକ୍ର ଅନୁଷ୍ଠିତ

ଧାମନଗର(ନିପ୍ର): ଧାମନଗର ବରିଷ୍ଠ ନାଗରିକ ସଭା ଗୃହରେ ୯୧ ତମ ଓଡ଼ିଶା ଦିବସ (ଉତ୍କଳ ଦିବସ) ବୁଧବାର ପୂର୍ବାହ୍ନରେ ପାଳିତ ହୋଇ ଯାଇଅଛି । ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ପବିତ୍ର ଓଡ଼ିଶା ଦିବସର ଉଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ସୁଭ୍ରଜିତ ଦାସ ଯୋଗଦେଇ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନ ଦିବସ ହେଉଛି ଓଡ଼ିଶା ଦିବସ ବୋଲି ତାଙ୍କ ଭାଷଣରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ଦଶରଥ ଦାସ, ନରେନ୍ଦ୍ର ମଲ୍ଲିକ, ରାମ ଚନ୍ଦ୍ର ସାହୁ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ଅଶୋକ ଦାସ, ଭୋଳାନଥ ସାହୁ, ବିଶ୍ୱନାଥ ବେହେରା, ଧନାଞ୍ଜ୍ୟୟ ଦାସ, ଇଁ ନୃସିଂହ ଚରଣ ନାୟକ, ସେକ ଅବଦୁଲ ହାକିମ, ମହମ୍ମଦ ହବିବୁର ରହେମନ୍, ପ୍ରିୟ ରଂଜନ ସାମଲ, ସାହିତ୍ୟିକ ମନୋଜ ଜେନା, ରମଣୀ ରଂଜନ ଦାସ, ଦାମୋଦର ମଲ୍ଲିକ, ବ୍ରହ୍ମାନନ୍ଦ ପୃଷ୍ଟି, ଭିକାରୀ ବେହେରା, ପୀତବାସ ପାଣି ପ୍ରମୁଖ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛି ଉତ୍କଳ ଦିବସ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ଲକ୍ ର ବିଭିନ୍ନ ଅଂଚଳରୁ ଆସିଥିବା ବରିଷ୍ଠ କବି ମାନେ ଯୋଗ ଦେଇ ଓଡ଼ିଶାର ଉତ୍କୃଷ୍ଟ କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ବ ପର୍ବାଣୀକୁ ନେଇ କବିତା ପାଠ କରିଥିଲେ ।











ତୁମ କଷ୍ଟର କାରଣ ଯାହା ବି ହେଉନା କାହିଁକି, ଅନ୍ୟକୁ ଦୁଃଖୀ କର ନାହିଁ ।
(ଭଗବାନ ବୁଦ୍ଧ)

# ଆଜିକାଲି



*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।*
*ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।

## ସୁଦୃଢ଼ ହେବ ଶିକ୍ଷାକ୍ଷେତ୍ର

ଛୋଟ ସ୍କୁଲ ପିଲାମାନେ ସମଗ୍ର ରାଜ୍ୟର ଲକ୍ଷାଧିକ ମଧ୍ୟାହ୍ନ ଭୋଜନ ଉପରେ ନିର୍ଭର କରିଥାନ୍ତି । ବିଶେଷ କରି ଗରୀବ ଘରର ଛାତ୍ରଛାତ୍ରୀ ମାନେ ଆଗ୍ରହ ସହ ମଧ୍ୟାହ୍ନ ଭୋଜନକୁ ଅପେକ୍ଷା କରିଥାନ୍ତି । ଏହି କାର୍ଯ୍ୟକ୍ରମ ବହୁ ବର୍ଷ ଧରି ଚାଲି ଆସୁଛି । ଦରଦାମ ବୃଦ୍ଧି ଯୋଗୁଁ ଏହି କାର୍ଯ୍ୟକ୍ରମରେ ପ୍ରଭାବ ପଡ଼ିଛି । ମଧ୍ୟାହ୍ନଭୋଜନରେ ଭାତ, ଡାଲମା ସହ ସୋୟାବିନ ତରକାରୀ ସହ ଅଣ୍ଡା ମଧ୍ୟା ଯୋଗାଇ ଦିଆଯାଉଥିଲା । ଅଣ୍ଡାମୂଲ୍ୟ ବଢ଼ିବାରେ ଅଧିକାଂଶ ବିଦ୍ୟାଳୟରେ କେବଳ ଭାତ ଓ ଡାଲମା ଯୋଗାଇ ଦିଆଯାଉଛି ବୋଲି ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହି ମୂଲ୍ୟ ବଢ଼ାଇବା ଯୋଗୁଁ କିଭଳି ପିଲାମାନେ ପୁଷ୍ଟିକର ଖାଦ୍ୟ ପାଇବେ ଏ ନେଇ ମଧ୍ୟ ସାଧାରଣରେ ଆଲୋଚନା ହେବା ସ୍ୱାଭାବିକ । କେତେକ କହୁଛନ୍ତି ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ । ଏଥିସହ ଏହି ନୂତନ ଘୋଷଣାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ଐତିହ୍ୟ ବିଦ୍ୟାଳୟର ଶୁଭାରମ୍ଭ ମଧ୍ୟ କରିଛନ୍ତି । ଏଣିକି ଆଦର୍ଶ ବିଦ୍ୟାଳୟ ଅନ୍ତେବାସୀଙ୍କ ମାସିକ ଖର୍ଚ୍ଚ ସରକାର ବହନ କରିବେ । ଫଳରେ ଏହା ବିଦ୍ୟାର୍ଥୀଙ୍କ ପାଇଁ ଖୁସିର ଖବର ବୋଲି କୁହାଯାଇ ପାରେ । ଏହି ଘୋଷଣା ଦିନରୁ ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟାଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ୬ ହଜାର ୭ ଶହ ୯୪ ଟି ବିଦ୍ୟାଳୟ ନିର୍ମାଣ କରାଯିବ । ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଭଳି ଏହି ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଷ ସୃଷ୍ଟି ହେବା ନିଶ୍ଚିତ । କେବଳ ସେତିକି ନୁହେଁ ରାଜ୍ୟର ପୂର୍ବତନ ବିଦ୍ୟାଳୟରେ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଐତିହ୍ୟ ବିଦ୍ୟାଳୟ ମଧ୍ୟ ମୋହନ ସରକାର ଆରମ୍ଭ କରିଛନ୍ତି । ଅପରପକ୍ଷେ ରାଜ୍ୟର ୧୦୦ ବର୍ଷରୁ ଅଧିକ ପୁରାତନ ବିଦ୍ୟାଳୟ କିମ୍ବା ସର୍ବପୁରାତନ ବିଦ୍ୟାଳୟର ଅଧିକ ବିକାଶ ହେବ । ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ଏଥିରେ ସନ୍ଦେହ ନାହିଁ ।

## ଆନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ

◆ ନାଟ୍ୟସାରଥି ଅଭୟ କୁମାର ଦାସ



ଆଜି ଅନଲାଇନ ଓ ସୋସିଆଲ ମିଡ଼ିଆ ସମୟ ଭିତରେ କେବଳ ପିଲାମାନେ ନୁହଁନ୍ତି ବଡ଼ ମାନଙ୍କ ଭିତରେ ବହି ବା ଖବରକାଗଜ ପଢ଼ିବା ପ୍ରତି ଆବେଗ ଓ ଆଗ୍ରହ କମିଯାଇଛି । ଦିନକୁ ଦିନ ଶିଶୁ ପୁସ୍ତକ ଓ ଶିଶୁ ପତ୍ରିକା ଏକ ପ୍ରକାର ପୃଷ୍ଠପୋଷକତା ଓ ପାଠକୀୟ ଆଦୃତି ବିନା ମୁର୍ମୁଷୁ ହେବାକୁ ବସିଲାଣି । ଆଜି ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ।




୧୮୦୫ ଏପ୍ରିଲ ୨ ତାରିଖରେ ଜନ୍ମ ହୋଇଥିଲେ ବିଶ୍ୱ ପ୍ରସିଦ୍ଧ ଡେନିସ୍ ପରୀ କଥା ଲେଖକ ହାନ୍ସ କ୍ରିଷ୍ଟିଆନ୍ ଆଣ୍ଡରସନ । ତାଙ୍କର ଜନ୍ମ ଦିନକୁ ବିଶ୍ୱ ସ୍ତରରେ ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ଭାବେ ପାଳନ କରାଯାଉଛି । ଆଣ୍ଡରସନ୍ ନିଜର ପ୍ରାୟ ସମସ୍ତ ପ୍ରସିଦ୍ଧ ପରୀ କାହାଣୀ - 'ଦ ଟିନ୍ ସୋଲଜର', 'ଦ ଟିଣ୍ଡରବକ୍ସ', 'ଦ ଅଗଲି ଡକଲିଙ୍ଗ', 'ଦ ଲିଟଲ ମରମେଡ', 'ଦ ସ୍ନୋ କୁଇନ୍' ଆଦି ୧୮୩୫-୭୨ ମଧ୍ୟରେ ରଚନା କରିଥିଲେ । ସେ ଡେନ୍‌ମାର୍କର ଓଡେନସରେ ଜନ୍ମ ହୋଇଥିଲେ । ତାଙ୍କ ପିତା ହାନ୍ସ ଏବଂ ମାତା ଆନି ମେରି ଥିଲେ ଅଶିକ୍ଷିତ । ଜୋତା ତିଆରି କରିବା ଥିଲା ହାନ୍ସଙ୍କ ପେସା । ଆନି ଥିଲେ ପେସାରେ ରଜକୀ । ଆଣ୍ଡରସନ୍ ଅଳ୍ପ ବିଦ୍ୟା ଶିକ୍ଷା ପରେ ଏଗାର ବର୍ଷ ବୟସରେ ଲୁଗା କଳ ଶ୍ରମିକ ଭାବେ ପେସାଦାର ଜୀବନ ଆରମ୍ଭ କରିଥିଲେ । ତାହା ପରେ ସିଗାରେଟ ତିଆରି କାରଖାନା । ଅଭିନେତା ବା ଗାୟକ ହେବା ଥିଲା ତାଙ୍କର ଅଭିଳାଷ । ତେବେ ସାର୍ ୱାଲଟର ସ୍କଟ୍‌ଙ୍କ ହାର୍ଟ ଅଫ ମିଡ୍‌ଲୋଥିଆନ୍ ପଢ଼ିବା ପରେ ଲେଖା ଲେଖି ପ୍ରତି ଆଗ୍ରହୀ ହୋଇଥିଲେ । ଦ ଡାଇଙ୍ଗ ଚାଇଲଡ୍ କବିତା ସଙ୍କଳନ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ । ପ୍ରଥମେ ବୟସ୍କଙ୍କ ପାଇଁ ଗଳ୍ପ, ଉପନ୍ୟାସ, କବିତା, ମ□ନାଟକ, ଭ୍ରମଣ କାହାଣୀ ଆଦି ଲେଖୁଥିଲେ । ପରେ ଶିଶୁ ସାହିତ୍ୟ ଆଡ଼କୁ ମନ ବଳାଇ ଅଧିକ ସଫଳତା ଲାଭ କରିଥିଲେ । ଆଣ୍ଡରସନ୍‌ଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଲା ସେ ଠିକ୍ ବନାନ ଲେଖିପାରୁ ନଥିଲେ । ନିଆଁକୁ ଡରୁଥିଲେ । ଆଜୀବନ ଅବିବାହିତ ରହିଥିବା ଆଣ୍ଡରସନ୍ କର୍କଟାକ୍ରାନ୍ତ ହୋଇ ୧୮୭୫ରେ ମୃତ୍ୟୁବରଣ କରିଥିଲେ ।

*ଗୋତରା, ମାହାଙ୍ଗା, କଟକ: ୯୪୩୭୧୪୨୭୧୭*

# ବିଶ୍ୱ ଅଟିଜିମ ସଚେତନତା ଦିବସ

◆ ଡାକ୍ତର ସମ୍ରାଟ କର

ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ । ଏହିଦିନକୁ ଅନ୍ତର୍ଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି । ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ । ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା । ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା । ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା । ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ । ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ ।

ଅଟିଜିମ୍ : ଲକ୍ଷଣ ଓ ଚିକିତ୍ସା ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ । ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଅଟିଜିମ୍ ରୋଗ ଦ୍ୱାରା ପ୍ରଭାବିତ । ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି । ଯାହା ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ । ମସ୍ତିଷ୍କର ବିକାଶରେ ପ୍ରତିରୋଧ ହୋଇଥିବା ଯୋଗୁଁ ଏ ପ୍ରକାର ରୋଗ ହୋଇଥାଏ । ଏପରି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ । ଆଖିକୁ ଆଖି ସହିତ ମିଳାଏ ନାହିଁ । ଯଦି ତା'ର କିଛି ଜିନିଷ ଦରକାର ତା'ହେଲେ ସେ ପିଲାଟି ମା'ର ହାତକୁ ନେଇ ଜିନିଷଟି ଉପରେ ରଖିଦିଏ । ସେ ଅନ୍ୟ ପିଲାଙ୍କ ସହିତ ମିଶେ ନାହିଁ । ନିଜେ ଏକା ଏକା ବସି ଖେଳେ । ଗୋଟିଏ କଥାକୁ ବାର ମ୍ବାର କହେ ଓ ଗୋଟିଏ କାମକୁ ବାର ମ୍ବାର କରିଥାଏ । ସେ ନିଜେ ନିଜ ଦୁନିଆରେ ରହେ । ଏପରି ପିଲାକୁ ଅନ୍ୟପିଲାଙ୍କ ସହିତ ମିଶିବାକୁ, କଥାବାର୍ତ୍ତା କରିବାକୁ ପ୍ରବର୍ତ୍ତାଇବା ଉଚିତ । କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦେବା ଦରକାର । ଅଟିଜିମ୍ ରୋଗରେ ୧ ବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ତାଙ୍କ ନା ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ । ନିଜ ଆଖପାଖ ଲୋକଙ୍କ ସହିତ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ପାରନ୍ତି ନାହିଁ । ୧ ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି । ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇ ପାରନ୍ତି ନାହିଁ । ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇ ଥାଏ । ସେମାନଙ୍କର ଭାଷାର ବିକାଶ ବିଳ ମ୍ବ ହୋଇ ପାରେ କି ମ୍ବା ଭାଷା ଅସ୍ୱଭାବିକ ହୋଇପାରେ । କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନଥାନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନସୋରୀ ଇଂଟିଗ୍ରେସନ୍ ଥେରାପି ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ । ପିଲାଟିକୁ ଓ ପିଲାଟିର ପରିବେଶକୁ ସବୁବେଳେ ପରିଷ୍କାର ରଖନ୍ତୁ । ମା' ମାନେ ନିଜ ହାତଗୋଡ଼ ପରିଷ୍କାର କରି ପିଲାଟିର କାମ କରନ୍ତୁ । ପିଲାଟିର ଜ୍ଞାନେନ୍ଦ୍ରିୟ ବିକାଶ ପାଇଁ ବିଭିନ୍ନ ରଙ୍ଗର ଖେଳନା ଓ ବିଭିନ୍ନ ବାସନା ଜିନିଷ ଦେବେ । ତାକୁ ଗୀତ ଶୁଣାଇବା, ଶିଖାଇବା, ଡ୍ୟାନ୍ସ୍ ଦେଖାଇବା ଓ ଶିଖାଇବା ଦରକାର । ପିଲାଟି ଭଲ କାମ କଲେ ତାକୁ ସମସ୍ତଙ୍କ ଆଗରେ ପୁରସ୍କାର ଦେବା ଓ ପ୍ରଶଂସା କରିବା ଉଚିତ । ଯଦି ଖରାପ କାମ କରେ ପୁରସ୍କାର ଦେବେନି ଓ ତା'ର ଦେହ ଓ ମନକୁ ବାଧିଲା ପରି ଦଣ୍ଡ ଦେବେନି । ଏହି ଚିକିତ୍ସା ପଦ୍ଧତି ଦ୍ୱାରା ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ । ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇ ଥାଏ । ଅଭିଭାବକ ମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖା ଯାଇଥାଏ । ନୂତନ ଭିନ୍ନକ୍ଷମ ଆଇନ୍ ଅନୁସାରେ ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କୁ ଏବେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି । ଯାହା ଫଳରେ ସେମାନେ ଅନେକ ମାତ୍ରାରେ ଉପକୃତ ହୋଇପାରୁଛନ୍ତି ।




*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, : ୯୧୩୨୪୩୩୩୩*

*ଆନ୍ତର୍ଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି । ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକ ମାନଙ୍କୁ ଗ୍ରହଣ କରିବା ସହଜ ହେବ । ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରା ଯାଇଥିଲା । ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତ ରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା । ୨ ଏପ୍ରିଲ, ୨୦୦୮ରେ ପ୍ରଥମ ଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା । ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇ ଥାଏ । ଏହାଦ୍ୱାରା ଅନ୍ୟ ମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ ।*

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜିମ୍

◆ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ସୋନୁ, ଡାକ ନାଁ କିନ୍ତୁ ସୁନା । ପିଲାଟି କଟକ ସିଡ଼ିଏର ଏକ ନାମଜାଦା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ । ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା । ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତିଗତ କ୍ଷେତ୍ରରେ ପ୍ରତିଷ୍ଠିତ । ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇ ଥିଲେବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ ! ତା ବାପାମାଆ, ମିନୁ ପଟ୍ଟନାୟକ ନାମକ ଜଣେ ଭଲ ପ୍ରଶିକ୍ଷିତା ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି । ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲ ପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ର ମାନଙ୍କୁ । ଶିକ୍ଷାବିତ୍ ଜଣକ ଅକ୍ଲାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି । ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ । ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ । ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି । କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ । କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା । ଘରେ ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈକ୍ଷିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା । ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇ ଥାଏ । ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର ରକି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ । ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ ଯୋଗୁ ଶିଶୁଙ୍କ ଠାରେ ଏହା ଦେଖା ଯାଇଥାଏ । ଏହା ଆରୋଗ୍ୟସାଧ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏଥିରେ ଆକ୍ରାନ୍ତ ଶିଶୁମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ । ସୁବିଧାସୁଯୋଗ ଦିଆଯିବା ତ ଦୂରର କଥା ପ୍ରମାଣପତ୍ର ଖଣ୍ଡେ ପାଇବାକୁ ସରକାରୀ ସ୍ତରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ସରକାର କୌଣସି ବ୍ୟବସ୍ଥା କରୁ ନଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ଏଥିରେ ଆକ୍ରାନ୍ତ ଶିକାର ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ରାଜ୍ୟରେ ସେପରି ଆଖିଦୃଶିଆ ଅନୁଷ୍ଠାନ ନାହିଁ । ଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟ ସାଧ ହୋଇ ପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି । ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି । ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ । ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ । ବ୍ୟକ୍ତିଗତ ଜୀବନରେ ଅନେକ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ମୁଁ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛି । ଦେଖିଛି ସେମାନେ ଆମ୍ଭମାନଙ୍କ ଠାରୁ ଟିକିଏ ମମତା ଆଉ ଭଲ ପାଇବା ପାଇଁ ଭାରି ବ୍ୟାକୁଳିତ । ପ୍ରତିବର୍ଷ ଅପ୍ରେଲ ୩କୁ ବିଶ୍ୱ ଅଟିଜିମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେନତା କାର୍ଯ୍ୟକ୍ରମ କରାଯାଇଥାଏ । ଭାରତର ୨ ପ୍ରତିଶତ ଲୋକ ଏବେ ମସ୍ତିଷ୍କ ବିକୃତିର ଶିକାର । ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ । ତେଣୁ ଏବେ ଠାରୁ ଏଥିପ୍ରତି ସଚେତନ ହେବା ଦରକାର । ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖା ଯାଇଥାଏ । ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ଼କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜାଯାଇଥାଏ । ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରନ୍ତୁ ନାହିଁ । ଶିଶୁରୋଗ ବିଶେଷଜ୍ଞ ଓ ଶିଶୁ ମନସ୍ତାତ୍ତ୍ୱିକ ବିଜ୍ଞାନୀଙ୍କ ପରାମର୍ଶ ନିଅନ୍ତୁ । ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ବ□ାଇବାର ମହକ ବାଂଟି ଦିଅନ୍ତୁ । ଦେଖିବେ ସବୁକିଛି ଠିକ୍ ହୋଇଯିବ । ଭଗବାନଙ୍କ ବରଦାନ ତ ଏହି ନିଃଷ୍କପଟ ଶିଶୁ । ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ । ନିଶ୍ଚିନ୍ତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ : ୯୪୩୭୧୨୪୦୭୪*

# ଓଡ଼ିଆ ଅସ୍ମିତା

◆ ବିଜୟ ଦାସ




ଓଡ଼ିଆ ଅସ୍ମିତାର ପ୍ରତିଟି ଅକ୍ଷରର ମର୍ମ ଓଡ଼ିଆ ଜାତିକୁ ଭାବୁକ କରିଦିଏ । ଓଡ଼ିଆ ଅସ୍ମିତା କହିଲେ ଓଡ଼ିଆଙ୍କ ସ୍ୱାଭିମାନ ଓ ଗୌରବକୁ ବୁଝାଏ । ଓଡ଼ିଆ ଜାତିର କୀର୍ତ୍ତିରାଜି ଓ ଗାରିମା ସହ ଓଡ଼ିଆ ଜାତିର ସଂରକ୍ଷଣ ଓ ସ୍ୱତନ୍ତ୍ରତାର ସଂଗ୍ରାମ କଥା ପ୍ରତିଟି ଓଡ଼ିଆଙ୍କ ଆଖି ଆଗରେ ଝଲସି ଉଠେ । ଓଡ଼ିଆ ଜାତି ସର୍ବଦା ସାହସୀ, ସ୍ୱାଭିମାନୀ ଓ ସରଳି । ଏହା ଯୁଗଯୁଗରୁ ପ୍ରତିପାଦିତ ହୋଇଥିବା ଇତିହାସ ମଧ୍ୟ କହୁଛି । ଅନେକ ଉଦାହରଣ ମଧ୍ୟ ରହିଛି । ଓଡ଼ିଆ ଜାତି ,ପରମ୍ପରା, ଓ ଭାଷା ବହୁ ପୁରାତନ । କିନ୍ତୁ ଏହା ମଧ୍ୟ ସତ ଯେ ଓଡ଼ିଆ ଭାଷା ଗୋଟିଏ କିନ୍ତୁ ପ୍ରଦେଶର ଭୌଗଳିକ ସ୍ଥିତି ବଦଳିବା ସହ ଏହାର ଉଚ୍ଚାରଣ ଓ ଆଚରଣରେ ଭିନ୍ନତା ଆସିଯାଏ । କିନ୍ତୁ ଯେତେବେଳେ ଓଡ଼ିଆ ଅସ୍ମିତାର କଥା ଆସେ ସେତେବେଳେ ଓଡ଼ିଆ ଭାଷା ଏବଂ ଜାତିର ଗାମ୍ଭିର୍ଯ୍ୟ ପ୍ରସ୍ଫୁଟିତ ହୋଇଥାଏ । ଏହି ଓଡ଼ିଆ ଅସ୍ମିତାର ପ୍ରଭାବ ଦିନେ କାଂଚି ରାଜା ସାଲୁଭା ନରସିଂହଙ୍କ ଉପରେ ମଧ୍ୟ ପଡ଼ିଥିଲା । ଏହି ଓଡ଼ିଆ ଅସ୍ମିତାର କୋପ କଳାପାହାଡ଼ ମଧ୍ୟ ଦେଖିଥିଲା । ଏହି ଓଡ଼ିଆ ଅସ୍ମିତା ମଗଧ ରାଜା ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକକୁ ପରିଣତ କରିଦେଇଥିଲା । ଇତିହାସ ପୃଷ୍ଠାରେ ଓଡ଼ିଆ ଅସ୍ମିତାର କୋପର ତାଣ୍ଡବ ଉଦାହରଣ ଏଭଳି ଅନେକ ରହିଛି । ଯାହାକି ଏବେ ମଧ୍ୟ ସମସ୍ତଙ୍କ ମନରେ ସୁପ୍ତବସ୍ଥାରେ ଜାଗ୍ରତ । ଏହି ଓଡ଼ିଆ ଜାତି ନିଜ ଅସ୍ମିତା ପାଇଁ କଣ ଯେ କରିପାରେ ଏହାର ନିଛକ ଉଦାହରଣ ରାଜ୍ୟର ସବୁଠାରୁ ଶକ୍ତିଶାଳୀ ଓ ୨୪ ବର୍ଷରେ ନିଜର ଶକ୍ତିଶାଳୀ ଗଡ ନିର୍ମାଣ କରିଥିବା ରାଜନୈତିକ ଦଳ ମଧ୍ୟ ଏହି କିଛି ମାସର ଅବଧି ପୁର୍ବରୁ ଦେଖିଛି । ଏହା ମଧ୍ୟ ସତ ଯେ ଅସ୍ମିତା କହିଲେ ସର୍ବସାଧାରଣରେ ଓଡ଼ିଆ ଜାତିର ସ୍ୱାଭିମାନ ଉପରେ ଗୁରୁତ୍ୱାରୋପ , କିନ୍ତୁ ଅସଲ କଥା ହେଲା ଓଡ଼ିଆ ଅସ୍ମିତାକୁ କୁଠାରଘାତ କହିଲେ ଓଡ଼ିଆଙ୍କ ଭିତରେ ଥିବା ସମ୍ମାନ ତଥା ସ୍ୱାଭିମାନକୁ ଆଘାତ । ଏହି ଅସ୍ମିତା ଓଡ଼ିଆଙ୍କ ପାଇଁ ଅନ୍ତଃଜ୍ୱାଳାର ଏକ ଜ୍ୱଳନ୍ତ ଆଗ୍ନେୟଗିରି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେତେବେଳେ ଯେ କେହି ବି ଅସ୍ମିତା କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରେ ଏହି ଅନ୍ତଃଜ୍ୱାଳାର ଆଗ୍ନେୟଗିରିରୁ ଲାଭା ସଦୃଶ୍ୟ ସ୍ୱାଭିମାନର ଅଗ୍ନିରେ ଭସ୍ମୀଭୂତ ହୋଇ ଯାଇ ପାରେ । ଜଗତର ନାଥ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ଧାମକୁ ପରିକ୍ରମା ପ୍ରକଳ୍ପର ରୂପରେଖ ଦେଇ ଯେଉଁଭଳି ଭାବରେ ଏକ କଦର୍ଯ୍ୟ ସଂସ୍କୃତିର ପ୍ରତିରୂପ ଦେଇଥିଲା ଏହି ରାଜନୈତିକ ଦଳ ତା ସହ କିଛି ଅଣଓଡ଼ିଆଙ୍କ ରାଜ୍ୟରେ ପ୍ରଭାବଶାଳୀ ଶାସନ ଏହାର ଫଳସ୍ୱରୁପ ସିଧା ଶାସନ ଗାଡିରୁ କାଢି ତଳେ କଚାଡି ଦେଇଥିଲେ ଏହି ଓଡ଼ିଆ ଅସ୍ମିତାର ପୂଜକ ଓଡ଼ିଆ ଜାତିର ରକ୍ଷକ । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଶାସନ ଗାଦିରେ ଆରୋହଣ କରିଥିବା ଦଳକୁ ମଧ୍ୟ ଏକ ଶକ୍ତ ଜବାବ । ଏହି ଓଡ଼ିଆ ଜାତି ନିଜ ଅସ୍ମିତାର ସହନଶୀଳତା ଓ ଉଦାରତାର ସୀମା ଲଂଘନର ପରବର୍ତ୍ତୀ ମୁହୂର୍ତ୍ତ କେତେ ଯେ ଭୟଙ୍କର ଏହା ସେ ହିଁ ଅନୁଭବ କରିବ ଯିଏ ଏହି ଓଡ଼ିଆ ଅସ୍ମିତାର ପାହାର ଖାଇଛି । ହଁ ଏହା ମଧ୍ୟ ସତ ଯେ କିଛି ଧୂର୍ତ୍ତ ନିଜ ଓଡିଆ ଜାତିର ସ୍ୱାଭିମାନ ଓ ଅସ୍ମିତାକୁ ପଛରେ ଠେଲିଦେଇ କିଛି ଅର୍ଥ ଓ ସ୍ୱାର୍ଥ ପାଇଁ ସଲାମ ହଜୁର କରିବା ଭଳି ପରିସ୍ଥିତିକୁ ଆପଣାଇଥାନ୍ତି । ଫଳସ୍ୱରୁପ ଏହାର କରାଳରୁପର ଶିକାର ହୋଇ ଅନେକ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି । ଏହା ମଧ୍ୟ ସତ ଯେ ଓଡ଼ିଆ ଅସ୍ମିତା ଆଜି ମଧ୍ୟ ୪ କୋଟି ଓଡ଼ିଆଙ୍କୁ ଏକ ସୁତ୍ରେ ବାନ୍ଧି ରଖିଛି କହିଲେ ଭୁଲ ହେବ ନାହିଁ । ମା ମାଟିକୁ ଭଲପାଉଥିବା ଏହି ଓଡ଼ିଆ ଜାତି ତଥା ରାଜ୍ୟର ସ୍ୱତନ୍ତ୍ରତା ପାଇଁ ଅନେକ ମହାପୁରୁଷ ନିଜର ସମଗ୍ର ଜୀବନରେ ଲଢେଇ କରି ଏହି ସ୍ୱତନ୍ତ୍ର ଓଡିଆ ରାଜ୍ୟ ଆମ ହାତକୁ ଟେକି ଦେଇ ଚାଲି ଯାଇଛନ୍ତି । ହଁ ଏହା ବି ଶତ ଆମ ଓଡ଼ିଆ ଲୋକଙ୍କ ପାଇଁ ଚାରୋଟି ଦିଗରେ ଅନେକ ଭାଷା ପ୍ରଚଳିତ ହେଉଛି ତାହା ମଧ୍ୟ କେତେକାଂଶରେ ଆମ ଓଡ଼ିଆ ଭାଷାର ଅପଭ୍ରଂଶ ହେଲା ଭଳି ମଧ୍ୟ ଅନୁମେୟ ହେଉଛି । କିନ୍ତୁ ଯେତେବେଳେ ଓଡ଼ିଆ ଅସ୍ମିତାର କଥା ଓଡ଼ିଆ ଜାତି ସମ୍ମୁଖରେ ଦଣ୍ଡାୟମାନ ହୋଇଥାଏ ସେତେବେଳେ ଏହି ଓଡ଼ିଆ ଜାତି ସର୍ବଦା ଗୋଟେ ଗିରିଶୃଙ୍ଗ ଭଳି ଶକ୍ତ ଭାବେ ଉଭା ହୋଇ ଯାଇଥାଏ । ଯାହାକି ତାହାର ପରିଣାମ ଭୟଙ୍କର ହେଲେ ମଧ୍ୟ ଓଡ଼ିଆ ଜାତି ଓ ଅସ୍ମିତାର ସମ୍ମାନ ପ୍ରତି ଆଂଚ ଆସିବାକୁ ଦେଇ ନ ଥାଏ । ଓଡ଼ିଆ ଜାତିର ସମ୍ମାନ ଓ ସମବେଦନାକୁ ଯିଏ ଗ୍ରହଣକରି ନପାରେ ତାହେଲେ ତାହାର ବିକଟାଳ ରୂପ ସମଗ୍ର ସ୍ଥିତି ଓ ଉକ୍ତ ପରିବେଶ ଧ୍ୱଂସ କରି ତାହାର ଗର୍ବ ଓ ଅହଙ୍କାରକୁ ଚୁରମାର କରି ଦେଇଥାଏ । ଏହା କିଏ ବୁଝୁ କିମ୍ବା ନବୁଝୁ ୨୪ ବର୍ଷ ଶାସନ କଳରେ ରହିଥିବା ରାଜନୈତିକ ଦଳ ବେଶ୍ ବୁଝି ପାରିଥିବା ଭଳି ମନେ ହୁଏ । ଓଡ଼ିଆ ଜାତି ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଦେବାରେ ତିଳେ ମାତ୍ର ପଛଘୁଂଚା ଦେଇ ନଥାଏ । ସେଥିପାଇଁ ତ କୁହାଯାଏ ସ୍ୱାଭିମାନର ଓଡ଼ିଆ ଭାରି ବଢିଆ ।

*ରାୟଗଡ଼ା*











# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଭୁବନ : ଢେଙ୍କାନାଳ ଜିଲ୍ଲା ଭୁବନର ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷୟିତ୍ରୀ ମମତା ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ଉପଦେଷ୍ଟା ବାଳକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟରେ ଆଧ୍ୟାତ୍ମିକ, ଯୋଗ, ଗୁଣାତ୍ମକ, ସଂସ୍କାର ଶିକ୍ଷା ସହିତ ଦେଶପ୍ରେମ ଶିକ୍ଷା ଦିଆ ଯାଉଥିବାରୁ ଅରବିନ୍ଦ ଶିକ୍ଷାକେନ୍ଦ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୋଲି କୁହାଯାଏ । ଏହି ଶିକ୍ଷାକେନ୍ଦ୍ରରେ ଅଭିଜ୍ଞ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ଉନ୍ନତ ମାନର ଶିକ୍ଷା ଦିଆଯାଉଥିବାରୁ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଉପ ସଭାପତି ବ୍ରହ୍ମାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଭ୍ୟ ବେଣୁଧର ଗୁରୁ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଅଭିଭାବକ ମାନେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିବାକୁ ନିବେଦନ କରିଥିଲେ । ଅଧ୍ୟକ୍ଷ ଦୀନବନ୍ଧୁ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ବେହେରା ବାର୍ଷିକ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ରତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେବାର ଥିଲା କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ବିଳମ୍ବରେ ପହଂଚି ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କ୍ଷୁଦ୍ର ନାଟିକା ' ଅତୁଟ ଏ ବନ୍ଧନ' ଏବଂ 'ଡ୍ୟାନ୍ସ ଧମାକା' ପରିବେଷଣ ହୋଇଥିଲା । ଏହି ଅବସରରେ ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତରଂ ଗାନ କରାଯାଇଥିଲା । ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ଓଡ଼ିଆ ଭାଷା ଚିନ୍ତନ ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ: ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଓଡ଼ିଆ ଭାଷା ସଚେତନ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ କହିଲେ ଓଡ଼ିଆ ଭାଷା ମା କହିଥିବା ଭାଷା ଅତିମଧୁର ବହୁ ପୁରୁଣା ଭାଷା ଆମ ପରିବେଶରେ ସମସ୍ତେ ବୁଝନ୍ତି । ବ୍ୟବସ୍ଥାପତ୍ରରେ ଲେଖିଲେ ସମସ୍ତେ ବୁଝନ୍ତି । ଓଡ଼ିଆ ଭାଷାକୁ ନେଇ ଆମ ଏକତା । ଭାଷା ଭିତିରେ ଆମ ରାଜ୍ଯ ଗଠନ ହୋଇଛି । ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଏହି ରାଜ୍ୟ ଗଠନରେ ଅନେକ ଦେଶ ପ୍ରେମୀ ଜୀବନ ଦାନ କରିଛନ୍ତି ଏହି ସ୍ମୃତିକୁ ସ୍ମରଣ କରି ଆସନ୍ତୁ ଓଡ଼ିଆ କହିବା ।ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ ।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ 'ଇନ୍ନୋଭେସନ ଆଣ୍ଡ ଷ୍ଟାର୍ଟ-ଅପ୍' ପ୍ରତିଯୋଗୀତା

ରାଇରଙ୍ଗପୁର : (ନିପ୍ର)- ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ 'ଇନ୍ନୋଭେସନ୍ ଆଣ୍ଡ ଷ୍ଟାଟ-ଅପ୍' ପ୍ରତିଯୋଗିତା ଆଧାରିତ ଏକ ଅଭିନବ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ 'ଇଗ୍ନୋ' ଆଂଚଳିକ ନିର୍ଦ୍ଦେଶକ ଡ. ବଂଶୀଧର ବାରିକ ଏବଂ ସହଧର୍ମିଣୀ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏଥିରେ ଅଧ୍ୟକ୍ଷ ରବି ଶଙ୍କର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବିଜୟ କୁମାର ରାମ କାର୍ଯ୍ୟକ୍ରମର ସଂଯୋଜନା କରି ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଅଧ୍ୟାପିକା ରାଜଶ୍ରୀ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ କହିଥିଲେ । ମାଟିର ବରପୁତ୍ର ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଚରଣ ହେମ୍ବ୍ରମ; କଳା, ସଂସ୍କୃତି ଓ ସୃଜନଶୀଳତା ବିଷୟବସ୍ତୁ ଉପରେ ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଅଧ୍ୟାପିକା ତିଳୋତମା ଷଡ଼ଙ୍ଗୀ, ପ୍ରିୟତମା ହେମ୍ବ୍ରମ, ରେଣୁକା ମହାନ୍ତ, ଅନୀତା ସାମାଡ, ବିଦ୍ୟାବତୀ ବେହେରା, ଗୁଞ୍ଜନ ଖଣ୍ଡେଲୱାଲ ଓ ଅନୁପ୍ରିୟା ମହାନ୍ତ ଏବଂ ବବିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ସୃଜନଶୀଳ ବାଉଁଶ କାରିଗରୀ, ମେହେନ୍ଦୀ କଳା ଏବଂ ମାଣ୍ଡିଆରୁ ପ୍ରସ୍ତୁତ ଘରୋଇ ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଅଂଚଳର ତାଲିମପ୍ରାପ୍ତ ଉଦ୍ୟୋଗୀ ରୀନା ପ୍ରଧାନ ଛାତ୍ରୀମାନଙ୍କୁ ବାଉଁଶ ଶିଳ୍ପର ଚାହିଦା ସଂପର୍କରେ ଅବଗତ କରିଥିଲେ । ମହିଳା ମହାବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର, ଏହି କାର୍ଯ୍ୟକ୍ରମର ନିୟମିତ ଆୟୋଜନ ଦ୍ୱାରା ଆଜିର ଯୁବସମାଜ ଆତ୍ମନିର୍ଭରଶୀଳ ହେବା ଉପରେ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ସଞ୍ଜନା ଧଳ, ପାର୍ବତୀ ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ଜ୍ଞାନ ଆହରଣ କରିଥିଲେ ।




# ପଡ଼ିଆ ବ୍ଲକରେ ପୋଷଣ-୧୫ ଅଭିଯାନ, ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଓରିଏଂଟେସନ କାର୍ଯ୍ୟକ୍ରମ

ମାଲକାନଗିରି : ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଜାରି ରହିଥିବା ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ କାର୍ଯ୍ୟକ୍ରମ ଅଧୀନରେ ଆଜି ପଡ଼ିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଓରିଏଂଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ । ଶିଶୁମାନଙ୍କର ସଠିକ ଶାରୀରିକ ଓ ମାନସିକ ବିକାଶକୁ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ, ପୋଷଣ ଟ୍ରାକର ଆପ୍ରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ କରିବା ଏବଂ ସେମାନଙ୍କର ଉଚ୍ଚତା ଓ ଓଜନର ସଠିକ ମାପ ପ୍ରକ୍ରିୟା ସମ୍ପର୍କରେ କର୍ମୀମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଛି । ଶିଶୁଙ୍କ ପୁଷ୍ଟିସାଧନ କ୍ଷେତ୍ରରେ କୌଣସି ଅବହେଳା ଯେପରି ନହୁଏ, ସେଥିପାଇଁ ଡାଟା ଏଂଟ୍ରିର ସଠିକତା ଉପରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆସନ୍ତା ଏକ ସପ୍ତାହ ମଧ୍ୟରେ ବ୍ଲକର ସମସ୍ତ ହିତାଧିକାରୀ ଶିଶୁଙ୍କ ତଥ୍ୟକୁ ପୋଷଣ ଟ୍ରାକର ଆପ୍ ରେ ସମ୍ପୂର୍ଣ୍ଣ ଭାବେ ଅପଡେଟ୍ କରାଯିବ । ଅଂଚଳର ଜଣେ ହେଲେ ବି ଶିଶୁ ଯେପରି ଏହି ସରକାରୀ ସୁବିଧା ଓ ଯୋଜନାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ସଜାଗ ଓ ଦାୟିତ୍ୱବାନ ରହିବାକୁ ସେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ପୋଷଣ ଅଭିଯାନର ସମନ୍ୱୟକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ

## ରୟାଲ ଡ଼ିଗ୍ରୀ କଲେଜ ତରଫରୁ ରକ୍ତଦାନ ଶିବିର ଆୟୋଜିତ

ଜୟପୁର: ରକ୍ତ ଦେଇ ଜୀବନ ବଂଚେଇବା ଆମର ସାମାଜିକ ଦାୟିତ୍ୱ । ଯୁବ ରେଡକ୍ରସ ରୟାଲ ଡ଼ିଗ୍ରୀ କଲେଜ ଆନୁକୁଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ଅନୁଷ୍ଠାନର ମୁଖ୍ୟ ଅଜିତ କୁମାର ପାତ୍ର ଉଦଘାଟନ କରିଥିବା ବେଳେ ଅଧ୍ୟକ୍ଷ ହରିହର ଭଞ୍ଜ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ପ୍ରମାଣ ପତ୍ର ବଂଟନ କରିଥିଲେ । କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରି ଦଳଙ୍କ ତତ୍ତ୍ୱାବଧାନରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବି ଗଙ୍ଗାଧର, ଗୀତା ପରିଡା, ଅଜିତ୍ କୁମାର ଗୌ ।ଡ, ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ଓଡ଼ିଶା ରକ୍ତଦାତା ମହାସଂଘର ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ପ୍ରଥମଥର ପାଇଁ ରକ୍ତଦାନ କରୁଥିବା ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଉତ୍ସାହ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ଥିଲା । ଶ୍ରୀ ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଆଶିଷ କୁମାର ପଣ୍ଡା, ପ୍ରତୀକ୍ଷା ମିଶ୍ର, ସୁଧୀର ପଣ୍ଡା, ସନ୍ତୋଷ ମାଦଲା, ଶ୍ୱେତା ପ୍ରହରାଜ, ସ୍ମରଣିକା ମିଶ୍ର ଓ ଏ ସୌଜନ୍ୟଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ତାରାତାରିଣୀଙ୍କ ଚୈତ୍ର ଶେଷ ମଙ୍ଗଳବାର ଯାତ୍ରା

ଗଞ୍ଜାମ :ଗଞ୍ଜାମ ଜିଲ୍ଲାର ଇଷ୍ଟ ତଥା ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଚତୁର୍ଥପାଳି ତଥାଏ୍ୱର୍ଷର ଶେଷ ଯାତ୍ରା ଶେଷ ହେଉଛି । ଗତକାଲି ବିଳମ୍ବିତ ରାତ୍ରିରେ କୁମାରୀ ପାହାଡ ଉପରେ ପ୍ରତିଷ୍ଠିତା ମାଁ ତାରାତାରିଣୀ ଙ୍କ ପୂଜକମାନେ ଦ୍ୱାର ଫିଟା ମଙ୍ଗଳ ଆଳତି ଓ ପୂଜାଅର୍ଚ୍ଚନା କରିବାପରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଆସିଥିବା ଶ୍ରଦ୍ଧାଳୁ ମାନେ ମନ୍ଦିର କୁ ଧାଡ଼ିରେ ଯାଇ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ପ୍ରାୟ ଦୁଇ ଲକ୍ଷ ଜନସାଧାରଣ ଙ୍କ ଏହି ପୀଠରେ ସମାଗମ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁବ୍ୟବସ୍ଥା କରାଯାଇଛି । ପ୍ରଚଣ୍ଡ ଗରମକୁ ପ୍ରତିହତ ପାଇଁ ଜଳ ସିଂଚନ କରାଯାଉଛି ଓ ପାନୀୟ ଜଳ ଯୋଗାଣ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଂଶୁଘାତ ଓ ଚିକିତ୍ସା ବ୍ୟବସ୍ଥା ହୋଇଛି । ପୁଲିସ ଓ ଟ୍ରାଫିକ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ଓ ଯାନ ବାହାନ ନିୟନ୍ତ୍ରଣ କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ଅନ୍ନପ୍ରସାଦ୍‌ବିତରଣ ବିକ୍ରି ବ୍ୟବସ୍ଥା ହୋଇଛି ।ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସେମାନଙ୍କ ଶିଶୁ ମାନଙ୍କୁ ମୁଣ୍ଡ ନ(ଲଣ୍ଡା) କରି ମାଁ ଙ୍କ ଉଦ୍ଦେଶ୍ୟ ପ୍ରଥମ କେଶ ଅର୍ପଣ କରି ସୁଖଶାନ୍ତି କାମନା କରିଛନ୍ତି ଏବଂ ପାହାଡ଼ ପାଦଦେଶରେ ଆମିଷଓନିରାମିଷ ପ୍ରସାଦ ପ୍ରସ୍ତୁତ କରି ସ୍ୱାଦ୍ଧବେ ସେବନ କରିଛନ୍ତି । ପାହାଡ଼ ପାଦଦେଶରେ ହଜାର ହଜାର ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର ଖୋଲିଛି । ମାଁ ଙ୍କଦର୍ଶନ ପାଇଁ ପାହାଡ଼ ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ମନ୍ଦିର ପକ୍ଷରୁ ବସଚଳାଚଳଓ ରୋପ୍‌ୱେ ବ୍ୟବସ୍ଥା କରାଯାଇଛି । ଅନେକ ଶ୍ରଦ୍ଧାଳୁ ୯୯୯ ପାହାଡ଼ ଚଢ଼ି ପାଦଚଲା ରାସ୍ତାରେ ଯାଇ ମାଁ ତାରାତାରିଣୀ ଙ୍କ ଦର୍ଶନ କରୁଛନ୍ତି । ଚଳିତ ବର୍ଷ ତଥା ମାଁଙ୍କ ଚାରିପାଳି ମଙ୍ଗଳବାର ଯାତ୍ରା ଶାନ୍ତି ଶୃଙ୍ଖଳା ର ସହିତ ସମାହିତ ହୋଇଛି ।

# ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ

ବାରିପଦା : ନବନିର୍ମିତ ନିଜସ୍ୱ ସଭାଗୃହରେ ସଦସ୍ୟ/ସଦସ୍ୟା ଓ କାର୍ଯ୍ୟକର୍ତା ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଯୋଗ ଦେଇଥିବା ସାରସ୍ୱତ ଅନୁରାଗୀଙ୍କ ହର୍ଷ ଉଲ୍ଲାସ ମଧ୍ୟରେ ୨୯ ମାର୍ଚ୍ଚ ୨୦୨୬ ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଓଡିଆ ଭାଷା ଓ ଉତ୍କଳୀୟ ସଂସ୍କୃତିର ପ୍ରତୀକ ପରିଷଦର ପତାକା ଉତୋଳନ ହେଲାପରେ ସମାରୋହର ଉଦଘାଟନୀ ମଂଚ ପ୍ରସ୍ତୁତ ହୋଇଥିଲା । କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶାଙ୍କ ମଂଚ ଆମନ୍ତ୍ରଣ ଓ ଅତଥି ପରିଚୟ ପ୍ରଦାନ କ୍ରମେ ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ । ବନ୍ଦେ ଉତ୍କଳ ଜନନୀ ଓ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ସୁଶ୍ରୀ ଭାରତୀ । ବେଦପାଠ କରିଥିଲେ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା । ପରିଷଦର ବାର୍ଷିକ ବିବରଣୀ ଦେଇଥିଲେ ସମ୍ପାଦକ ଇଂ.ମନୋଜ ଦଳବେହେରା । ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର୍ ପ୍ରମୋଦ କୁମାର ଶତପଥୀ 'ମୁଖ୍ୟ ଅତିଥି', ବାରିପଦା ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, 'ବିଶେଷ ସମ୍ମାନିତ ଅତିଥି'ଏବଂ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ 'ସମ୍ମାନିତ ଅତିଥି' ଭାବେ ଯୋଗଦାନ ପୂର୍ବକ ଉଦବୋଧନ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ତଥା ଉତ୍କଳୀୟ ଅସ୍ମିତା ଏବଂ ପରମ୍ପରାର ସୁରକ୍ଷା ଦିଗରେ ପରିଷଦର ସୁଦୀର୍ଘ ୪୧ ବର୍ଷର ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅତିଥିମାନଙ୍କ ଅମୃତ ହସ୍ତରେ ପରିଷଦର ବାର୍ଷିକ ପତ୍ର 'ମୟୂରାକ୍ଷି' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବର୍ଷିୟାନ ସାହିତ୍ୟିକ ନରସିଂହ ବାରିକ, ବରିଷ୍ଠ କବୟତ୍ରୀ ହାରାମଣି ଦଳେଇ, ବିଶିଷ୍ଟ ଲେଖକ ରାମ ନାରାୟଣ ଗିରି, କବୟିତ୍ରୀ ରାଜଲକ୍ଷ୍ମୀ ଦାସ ଏବଂ ଯୁବ ଲେଖିକା ସୁଚରିତା ବେହେରାଙ୍କୁ ମାନପତ୍ର, ଶାଲ୍, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ଦେଇ 'ମୟୂରଭଞ୍ଜ ସାହିତ୍ୟ ସମ୍ମାନ ', 'ସରୋଜିନୀ ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ ', 'ସଲୀଳା ମହାନ୍ତି ସ୍ମୃତି ସମ୍ମାନ' ଓ 'ଲକ୍ଷ୍ମୀ କୁମାରୀ ଦାସ ଯୁବ ଲେଖକ ସମ୍ମାନ' ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ପାର୍ବତୀ ବାରିକ, ଗୋପାଳ ଚନ୍ଦ୍ର ସାଓ, ଶର୍ମିଷ୍ଠା ମହାନ୍ତି ଓ ସୁଶ୍ରୀ ଭାରତୀ ବେବର୍ତା । ଏହାଛଡା ବିଗତ ଦିନମାନଙ୍କରେ ପରିଷଦର ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ଓ ସଭାଗୃହ ଉପଲବ୍ଧି କରାଇ ଓଡିଆ ସାହିତ୍ୟ ପ୍ରତି ଶ୍ରଦ୍ଧା ପ୍ରକଟ କରିଥିବା ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଅଶୋକ କୁମାର କରଙ୍କୁ ପୁଷ୍ପ ଉତରୀୟ ଓ ସ୍ମୃତିଫଳକ ଦେଇ ଉତ୍ସବରେ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ସ୍ଥାନୀୟ ପୌରୋପାଳିକା ୱାର୍ଡ୍ କାଉନସେଲର୍ ଶ୍ରୀମତୀ ସୁକେଶିନୀ ସେଠୀଙ୍କୁ ମଧ ପର୍ବରେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରାହୋଇଥିଲା । ଏତଦ୍ ବ୍ୟତୀତ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସହରକୁ ଅଧିକ ଗତିଶୀଳ କରିବାରେ ସର୍ବଦା ଯତ୍ନବାନ ଥିବା ବାରିପଦା ପୌରପରିଷଦର ନଗରପାଳଶ୍ରୀ କୃଷ୍ଣାନନ୍ଦ ମହାନ୍ତିଙ୍କୁ, ଅନୁପସ୍ଥିତି ହେତୁ ପ୍ରଦାନ ହୋଇ ପାରି ନଥିବାରୁ 'ମୟୂରଭଞ୍ଜ ପୁସ୍ତକ ମେଳା-୨୦୨୬' ସମ୍ମାନ ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ଏହି ଅବସରରେ କବି ନରସିଂହ ବାରିକଙ୍କ କବିତା ପୁସ୍ତକ 'ମନ ନିର୍ଝରିଣୀ' ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚଳନାରେ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଅଜିତ କୁମାର କବାଟ, ସହ ସଂପାଦକ ଶିଉଲାଲ ମହାନ୍ତ, ସଦସ୍ୟ ସୁନୀଲ କୁମାର ଜେନା, ଶଙ୍କର ଜେନା, ଅଜୟ କୁମାର ପାଳ, କୁମାର ବାବୁଲି ଓ ସୁଶ୍ରୀ ଜ୍ୟୋସ୍ନା ରାଣୀ ମୁଦି ସହଯୋଗୁ କରିଥିଲେ । ଧନ୍ୟବାଦ ଦେଇଥିଲେ ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର । ପୁନଶ୍ଚ, ମଧ୍ୟାହ୍ନ ଭୋଜନ ଉପରାନ୍ତ ଦ୍ୱିତୀୟ ଅଧିବେଶନର ସାହିତ୍ୟ ସଭା ଓ କବିତା ପାଠ ଏବଂ ଉଦଯାପନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଉପ ସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ପୌରୋହିତ୍ୟରେ । ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯଥାକ୍ରମେ ଡଃ ବୀଣାପାଣି ଦାଶ, ଅଧ୍ୟକ୍ଷା ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଶୀରିଶବଣି ଓ ଅବସରପ୍ରାପ୍ତ ଲକ୍ଷ୍ମୀକାନ୍ତ ମହା ବିଦ୍ୟାଳୟ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ । କବିତା ସଂଯୋଜନା କରିଥିଲେ କବି ଡଃ ଶଶିଧର ବିଶ୍ୱାଳ ଏବଂ ବରିଷ୍ଠ କବୟତ୍ରୀ ସୁଶ୍ରୀ ବୀଣାପାଣି ପଣ୍ଡା । କବିତା ଗୁଡ଼ିକ ସମୀକ୍ଷା କରିଥିଲେ ସାହିତ୍ୟ ପରିଷଦର ଅନ୍ୟତମ ଉପ ସଭାପତି ଓ ବିଶିଷ୍ଟ କବି ଓ ସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ର । କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ରଶ୍ମିତା ପାତ୍ର । ପରିଶେଷରେ ଧନ୍ୟବାଦ ଦେଇଥିଲେ ପରିଷଦର ସମ୍ପାଦକ ଇଂ.ମନୋଜ ଦଳବେହେରା ।



# ପ୍ରଗତି ଉତ୍ସବ ଅନୁଷ୍ଠିତ

ଜୟପୁର : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ ଭଉଣୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଏହାପରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସେଠୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ନିଜର ବୌଦ୍ଧିକ ମାଧ୍ୟମରେ ଜଣାଇଥିଲେ । ଏହାପରେ ବିଦ୍ୟାଳୟର ସଭାପତି ପଣ୍ଡା ଶିଶୁଙ୍କୁ ଏହି ଦିନର ମହତ୍ୱ ତଥା ଆଗାମୀ ବର୍ଷ ପାଇଁ ଶିଶୁମାନେ କ'ଣ କରିବା ଉଚିତ ଯାହା ଫଳରେ ସେମାନେ ସଫଳତା ପ୍ରାପ୍ତ କରିପାରିବେ ସେ ବିଷୟରେ ନିଜର ବୌଦ୍ଧିକ ମାଧ୍ୟମରେ ଆଲୋକପାତ କରିଥିଲେ । ଏହାପରେ ପ୍ରଥମ ରୁ ନବମ ଶ୍ରେଣୀର ପ୍ରଥମ ଦଶଜଣ କୃତୀ ଛାତ୍ର ଛାତ୍ରୀମାନଙ୍କୁ ଫୁଲତୋଡ଼ା ସହିତ ପ୍ରଗତି ପତ୍ର ଅତିଥିମାନଙ୍କ ଦ୍ୱାରା ଦିଆଯାଇଥିଲା । ଏହାପରେ ସମସ୍ତ ଶ୍ରେଣୀରୁ ସର୍ବୋଚ୍ଚ ଉପସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯିବା ପାଇଁ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ତଥା ଅଭିଭାବକ ଅନେକ ସଂଖ୍ୟାରେ ଯୋଗଦାନ କରିଥିଲେ । ଏହାପରେ ସମସ୍ତ ଶିଶୁଙ୍କୁ ଶ୍ରେଣୀ ଅନୁସାରେ ପ୍ରଗତି ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଗୁରୁମା ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ଏବଂ କୃତୀ ଶିଶୁଙ୍କ ନାମ ଘୋଷଣା କରିଥିଲେ ଅନନ୍ତ ନାରାୟଣ ମହାପାତ୍ର । ମଂଚରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦିଲ୍ଲୀପ କୁମାର ଶତପଥୀ ଏବଂ କୈଳାସ ଚନ୍ଦ୍ର ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଂପାଦକ ଶିଶିର ଚନ୍ଦ୍ର ଦାଶ । କାର୍ଯ୍ୟକ୍ରମକୁ ସଫଳତା କରାଇବାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ ସମସ୍ତ ସେବାବ୍ରତୀ ସହଯୋଗ କରିଥିଲେ

# ବ୍ଲକ ସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗୀତା ଅନୁଷ୍ଠିତ

ଚମ୍ପୁଆ : ଚମ୍ପୁଆ ବ୍ଲକ ସ୍ତରିୟ ଭିନ୍ନକ୍ଷମ କ୍ରିଡା ଓ ସାଂସ୍କୃତିକ ପ୍ରତିଯୋଗିତା ରଜିଆ ଫଚାୟତ ଖେଳପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରାବଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୂଖ୍ୟ ଅତିଥି ଭାବେ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏବିଡିଓ ଚୁନୁ ହାଁସଦା, ସ୍ଥାନିୟ ସରପଂଚ ସନ୍ତୋଷ କୁମାର ନାଏକ, ଜିଲ୍ଲା ପରିଷଦ ସଭ୍ୟା ରମଣୀ ନାଏକ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ପ୍ରମୁଖ ଯୋଗ ଦେଇ ବିଧିବଦ୍ଧ ଭାବେ ପ୍ରତିଯୋଗିତାର ଶୁଭ ଉଦଘାଟନ କରିଥିଲେ । ପ୍ରଥମେ ଉପସ୍ଥିତ ଅତିଥି, ଅଧିକାରୀ ଓ କ୍ରିଡାବିତଙ୍କ ଦ୍ୱାରା ସପଥପାଠ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଚମ୍ପୁଆ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟରୁ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ ଓ ଶାରିରିକ ଅକ୍ଷମ ୯୫ ଜଣ ଛାତ୍ରଛାତୀ ଭାଗ ନେଇଥିବା ବେଳେ ୨ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ହ୍ୱିଲ ଚେୟାର ଦୌଡ, ୧୦୦ ମିଟର ଦୌଡ , ବାଲାନସ ରେସ, ପାଦଚଲା ପ୍ରତିଯୋଗିତା, ବଲଫିଙ୍ଗା, ଲମ୍ଫଡିଆଁ, ସଟଫୁଟ ଥ୍ରୋ, ନାଚ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଖେଳ ଶିକ୍ଷକ ଭାବରେ କେଶବଚନ୍ଦ୍ର ମହାନ୍ତ, ରତିକାନ୍ତ ବାରିକ, ପ୍ରିୟମ୍ବଦା ମହାନ୍ତ, ସୌଭାଗିନୀ ନାୟକ, ଗଣେଶ୍ୱର କିସକୁ, ତୋଫାନ ସାହା, ଦିଲ୍ଲୀପ କୁମାର ନାଏକ ପ୍ରମୁଖ କ୍ରିଡା ପରିଚାଳନା କରିଥିଲେ । ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବଲାଙ୍ଗିର : ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର ଠାରେ ଆଜି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଏକ ଉଚିତ୍ ପଦକ୍ଷେପ ଓ କବଚ ସଦୃଶ ବୋଲି ବକ୍ତା ମାନେ କହିଥିଲେ । ଏଭଳି ପ୍ରଶିକ୍ଷଣ ଆମମାନଙ୍କ ସକାଶେ ଏକ ଫଳପ୍ରଦ ଶିକ୍ଷା ବୋଲି ଅଂଶଗ୍ରହଣକାରୀ ଛାତ୍ରୀମାନେ କହି ଥିଲେ । ସରକାରଙ୍କ ତରଫରୁ ନିର୍ଦ୍ଦେଶିତ ଏ ପ୍ରଶିକ୍ଷଣ ଶିବିର ଗତ ଫେବୃଆରୀ ୧୦ ତାରିଖରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ସପ୍ତାହକୁ ଥରେ ଅନୁଷ୍ଠିତ ହେଉଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. କୌତୁକ ପନ୍ଦର ଏଥିରେ ସଭାପତିତ୍ୱ କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ପ୍ରାଧ୍ୟାପିକା ବନ୍ଦନା ବାର୍ ଏହାର ଦାୟିତ୍ୱକୁ ସୁଚାରୁ ରୂପେ ପରିସମାପ୍ତି କରିଥିବା ବେଳେ ଡ଼. ରମଣୀ ନାଏକ, ଡ଼. ବିଜୟ ବେହେରା, ଲିଲିମା ଗର୍ଡିଆ, କଲ୍ୟାଣୀ ମିଶ୍ର, କମଳାକାନ୍ତ କରାଲି ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ । ଏଥିରେ ପ୍ରଶିକ୍ଷିକା ଲିପ୍ସାରାଣୀ ଡାଙ୍ଗ ଓ ସୁବାସିନୀ ମଲ୍ଲିକ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବଂଟନ କରାଯାଇଥିଲା । ଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ନବ ସୃଜନ ଓ ନୂଆ ଉଦ୍ୟମ ପ୍ରତିଯୋଗିତା

ଧର୍ମଶାଳା : ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସେମିନାର ପ୍ରକୋଷ୍ଠରେ ଏକ କଲେଜ ସ୍ତରୀୟ ' ନବ ସୃଜନ ଏବଂ ନୂଆ ଉଦ୍ୟମ ପ୍ରତିଯୋଗିତା-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଓଡିଆର ପରମ୍ପରା ଓ ଲୋକପ୍ରିୟ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଛାତ୍ରଛାତ୍ରୀମାନେ ମଣ୍ଡା, ଆରିସା, କାକରା, ଦହିବରା, ଇଟଲି, ଉପମା ଓ ଡାଲମା ପ୍ରସ୍ତୁତ କରି ପ୍ରତିଯୋଗିତା ରେ ପ୍ରଦର୍ଶନ କରିଥିଲେ । ପ୍ରସ୍ତୁତ ପାରମ୍ପରିକ ଓଡିଆ ଖାଦ୍ୟ ଖାଇ ଅତିଥିମାନେ ଖାଦ୍ୟ ପ୍ରସ୍ତୁତ କରିଥିବା ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ । ପରେ ଏକ ପ୍ରଦର୍ଶନୀ ସଭା ପ୍ରାଧ୍ୟାପକ ଅମୂଲ୍ୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ,ସଂଜୟ କୁମାର ପ୍ରଧାନ,ସୂର୍ଯ୍ୟକାନ୍ତ ରାଉତ,ରୁହୁଲ ଅମୀନ,ଶିବ ପ୍ରସାଦ ଦାସ, ବାବୁଲା ରଣା,ଜୟଶ୍ରୀ ନାୟକ , ସାଗରିକା ଦାଶ ଓ ବିନୟ ରାଉତ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗି ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କୃତି ପ୍ରତିଯୋଗି ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଧର୍ମେନ୍ଦ୍ର ମହାନ୍ତି,କୁଞ୍ଜ ବିହାରୀ ମହାନ୍ତି ଓ ଦୁଃଶାସନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





# ୯୧ତମ ଓଡ଼ିଶା ପୋଲିସ ଗଠନ ଦିବସ ପାଳିତ



ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ପୋଲିସ ଦ୍ୱାରା ୯୧ତମ ଓଡିଶା ପୋଲିସ ଗଠନ ଦିବସ ଅବସରରେ ରିଜର୍ଭ ପୋଲିସ ଲାଇନ, ଖୋର୍ଦ୍ଧାରେ ଏକ ଆନୁଷ୍ଠାନିକ ପେରେଡ୍ ଆୟୋଜିତ ହୋଇଥିଲା । ବିବେକାନନ୍ଦ ଶର୍ମା, ପୋଲିସ ଅଧୀକ୍ଷକ, ଖୋର୍ଦ୍ଧା, ପେରେଡ୍‌ର ଅଭିବାଦନ ଗ୍ରହଣ କରିଥିବା ସହ ପେରେଡ୍‌ର ସମୀକ୍ଷା କରିଥିଲେ । ଏହି ଅବସରରେ ଏସପି ଶ୍ରୀ ଶର୍ମା ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ସନ୍ଦେଶ ସହିତ ଅନ୍ୟାନ୍ୟ ଗରିମାମୟ ବ୍ୟକ୍ତିବର୍ଗଙ୍କ ସନ୍ଦେଶ ପାଠ କରିଥିଲେ, ଯେଉଁଥିରେ ପୋଲିସ କର୍ମଚାରୀମାନଙ୍କର ନିଷ୍ଠାପୂର୍ଣ୍ଣ ଓ ନିସ୍ୱାର୍ଥ ସେବାକୁ ଅଭିନନ୍ଦନ ଜଣାଯାଇଥିଲା । ଚୟନିତ ପୋଲିସ କର୍ମଚାରୀ ମାନେ ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଏଷ୍ଟେଟ୍ ପୋଲିସ ଥାନାର ଝଓ ସ୍ୱାଗତିକା ଦାସ; ଟାଙ୍ଗୀ ପୋଲିସ ଥାନାର ଇଝଓ ତପନ ପ୍ରଧାନ; ହାବିଲଦାର ଉମେଶ ଚନ୍ଦ୍ର ପଟ୍ଟନାୟକ; ଙଜ କନଷ୍ଟେବଲ୍ ସାରିଫ୍ ଖାନ; ଏବଂ ଇଚଜ କନଷ୍ଟେବଲ୍ ସୁଦାମ ଚନ୍ଦ୍ର ବାଲିଆରସିଂହ ତାଙ୍କର ନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ମାନପତ୍ର ଏବଂ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଶ୍ରୀ ଶର୍ମା ଖୋର୍ଦ୍ଧା ପୋଲିସଙ୍କ ଆଇନ-ଶୃଙ୍ଖଳା ରକ୍ଷାରେ ତାଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମ ପୋଲିସ ବିଭାଗର ଶୃଙ୍ଖଳା ବଦ୍ଧତା, ପେଶାଦାରୀତ୍ୱ ଓ ଲୋକସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା ।

# ଓ.ପି.ଜିନ୍ଦଲ ସ୍କୁଲରେ ଉତ୍କଳ ଦିବସ ପାଳିତ



ଅନୁଗୁଳ(ନିପ୍ର): ଓ.ପି. ଜିନ୍ଦଲ ସ୍କୁଲ୍ ପରିସରରେ ଏକ ଆନନ୍ଦଦାୟକ ପରିବେଶରେ ବେଶ ଉତ୍ସାହର ସହିତ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ, ଓଡ଼ିଆ ବିଭାଗର ମୁଖ୍ୟ ଶିରିଶ କୁମାର ମିଶ୍ର ଉତ୍କଳ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସ୍କୁଲର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା । ଏହା ପରେ ଓଡ଼ିଶାର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ଏହି ଅବସରରେ, ସମସ୍ତେ ମିଳିତ ଭାବରେ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ, ଏବଂ ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଛାତ୍ରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭାଷଣରେ ପୁରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ବକ୍ତାମାନେ ଉତ୍କଳ ଦିବସ ପାଳନର ଗୁରୁତ୍ୱ ଉପରେ ଅଭିଭାଷଣ ରଖିବା ସହ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଛାତ୍ରମାନଙ୍କ ପାଇଁ ଏକ କବିତା ଅଧିବେଶନ ତଥା କବି ସମ୍ମିଳନୀର ମଧ ଆୟୋଜନ କରାଯାଇଥିଲା । ଏହି ଅବସରରେ, ସ୍କୁଲର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ଶୁଭେଚ୍ଛା ଜଣାଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍କଳ ଭୂମିର ଗୌରବ ଏବଂ ଐତିହ୍ୟକୁ ସଂରକ୍ଷଣ ଏବଂ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ



ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ କୁଲିଗାଁ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଦ୍ୟାଧର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ସାନମହେଶ୍ୱର ସରପଂଚ ଆଲ୍‌ହାଦିନୀ ବେହେରା, ଜିଲ୍ଲା ଶିକ୍ଷା ନିରିକ୍ଷକ ଅଧିକାରୀ ଉଦୟ ସିଂ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ, ସି ଆର ସି ସି ଓମ ଦଣ୍ଡସେନା, ଚନାବେଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତବାସ ଜଗତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ତାଣ୍ଡି, ବରିଷ୍ଠ ଶିକ୍ଷକ ରଜନୀ କାନ୍ତ ଯୋଶୀ, ନିମନ୍ତ୍ରିତ ଅତିଥି ଭାବରେ ଚନଟମାଲ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଲାଇବାନ ବାଗ, ବିରିଘାଟ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇନ୍ଦର ବାଗ ମଂଚାସୀନ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କର୍ବି ସହିତ ବାର୍ଷିକ ଉତ୍ସବ କରିବା ଦ୍ୱାରା ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସୁଯୋଗ ଦେବା ସହିତ ଉତ୍ସାହ ପ୍ରଦାନ କରିବାପାଇଁ ଏକ ମଂଚ ସୃଷ୍ଟି କରିଥାଏ । ତେଣୁ ବାର୍ଷିକ ଉତ୍ସବ କରିବା ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ଶୃଙ୍ଖଳିତ, କର୍ତବ୍ୟନିଷ୍ଠ, ହେବା ପାଇଁ ପ୍ରେରଣା ଦେଇଥାଏ ।


## ଦ.ପୂ. ରେଳପଥ ନିଲାମ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଡିଭିଜନାଲ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ) । ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ଅପରାହ୍ନ ୩ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫:୩୦ରେ ଖୋଲାଯିବ: କ୍ରମିକ ସଂଖ୍ୟା; ଟେଣ୍ଡର ସଂଖ୍ୟା; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ଆୟ ଅର୍ଥ ଯଥାକ୍ରମେ: (୧); ଇ-କେଜିପି-ଏଚ୍‌କ୍ୟୁ-୦୮-୨୦୨୬; ରଘୁନାଥବାରୀ-ରାଜଗୋଡା ମଧ୍ୟରେ ନୀଳକୁଣ୍ଠିଆ ନାମକ ନୂତନ ଯାତ୍ରୀ ହଲ୍ଟ ଷ୍ଟେସନର ବିକାଶ ସହିତ ଏଡିଇଏନ୍/ ତମଲୁକ କ୍ଷେତ୍ରାଧିକାର ଅଧୀନରେ ପଂସକୁରା-ହଳଦିଆ ସେକ୍ସନରେ ନୂତନ ପ୍ଲାଟଫର୍ମ, ରିଟେନିଂ ୱାଲ, ବୁକିଂ ଅଫିସ, ଷ୍ଟେସନ ରୋଡ୍, ଏଫ୍‌ଓବି (୩.୦୫ ମିଟର ଚଉଡା) ଏବଂ ହାତ ନଳକୂପ ଇତ୍ୟାଦି ନିର୍ମାଣ: ଟ.୪,୬୯,୯୬,୪୨୭.୪୧; ୯,୪୦,୦୦୦.୦୦; (୨); ଇ-କେଜିପି-ଏଚ୍‌କ୍ୟୁ-୦୯-୨୦୨୬; ଏଡିଇଏନ୍/ ତମଲୁକର ଅଧିକାରକ୍ଷେତ୍ର ଅନ୍ତର୍ଗତ ଜଚର ପୋଷ୍ଟ/ ତମଲୁକ ରେ ମହିଳା ପରିବର୍ତ୍ତନ କକ୍ଷ ଏବଂ ମାଲଖାନା ନିର୍ମାଣ; ଟ.୧୬,୯୩,୨୪୪,୦୨; ୩୩,୯୦୦.୦୦; (୩); ଇ-କେଜିପି-ଏଚ୍‌କ୍ୟୁ-୧୦-୨୦୨୬; (ସ) ଉଜଗ କୋଠା/ ଖଡ଼ଗପୁରରେ ସଂଶୋଧନ ଉପ-କେନ୍ଦ୍ରର ନବୀକରଣ ଏବଂ ଉଜଗ କୋଠା/ ଖଡ଼ଗପୁରର ଦୁଇଟି ହଲରେ ଏୟାର କଣ୍ଡିସନିଂ ବ୍ୟବସ୍ଥା ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସହିତ ଜଡିତ ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ, ଏବଂ (ସସ) ଏଡିଇଏନ୍/ ସେଟ୍/ ଖଡ଼ଗପୁର, ଟ.୪୧,୦୮,୮୨୬.୫୭:୮୨,୨୦୦.୦୦ ର ଅଧିକାରକ୍ଷେତ୍ର ଅଧୀନରେ ଖଡ଼ଗପୁର ବସ୍ତିର ଉତର ପାର୍ଶ୍ୱ (ନୂତନ ବସ୍ତି, ମାର୍ଶାଲିଂ ୟାର୍ଡ ଏବଂ ମଥୁରାକାଟି) ରେ ବିଦ୍ୟମାନ ବିଦ୍ୟୁତ ଯୋଗାଣର ଉନ୍ନତି; (୪); ଇ-କେଜିପି-ଦକ୍ଷିଣ-୧୦-୨୦୨୬; ସିନିୟର ଡେନ୍ (ଦକ୍ଷିଣ)/ ଖଡ଼ଗପୁରର ଅଧିକାରକ୍ଷେତ୍ର ଅନ୍ତର୍ଗତ ଖଡ଼ଗପୁର-ଭଦ୍ରକ ସେକ୍ସନରେ କାର୍ଯ୍ୟସ୍ଥଳରେ ମହିଳା କର୍ମଚାରୀଙ୍କ ପାଇଁ ୱାଶ ରୁମ୍ ସହ ଚେଞ୍ଜିଂ ରୁମ୍, ବିଶ୍ରାମାଗାର ଇତ୍ୟାଦିର ବ୍ୟବସ୍ଥା, ଟ.୧,୬୭,୨୯,୮୩୫.୩୮; ଟ.୩,୩୪,୫୦୦.୦୦; ଟେଣ୍ଡର ଡକ୍ୟୁମେଂଟ ମୂଲ୍ୟ: ଟ.୦.୦୦ (କ୍ରମାଙ୍କ ୧ ରୁ ୪ ପାଇଁ); ଖୋଲିବାର ତାରିଖ: ୧୬/୦୪/୨୦୨୬ (କ୍ରମାଙ୍କ ୧ ରୁ ୩ ପାଇଁ) ଏବଂ ୨୩/୦୪/୨୦୨୬ (କ୍ରମାଙ୍କ ୪ ପାଇଁ); କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ (କ୍ରମାଙ୍କ ୧ ଏବଂ ୪ ପାଇଁ) ଏବଂ ୬ ମାସ (କ୍ରମାଙ୍କ ୨ ଏବଂ ୩ ପାଇଁ); ବିଡିଂ ଆରମ୍ଭ ତାରିଖ: ୦୨/୦୪/୨୦୨୬ ରୁ ଏବଂ ୧୬/୦୪/୨୦୨୮ ତାରିଖ ୧୫:୦୦ ଘଂଟା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ରମ ନଂ ୪ ପାଇଁ ୦୯/୦୪/୨୦୨୬ ରୁ ଏବଂ ୨୩/୦୪/୨୦୨୬ ତାରିଖ ୧୫:୦୦ ଘଂଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍ ନିୟମିତ ଭାବରେ ‘www.lreps.gov.in’ ପରିଦର୍ଶନ କରିପାରିବେ । (PR-02)


# ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ଉଦ୍‌ଘାଟିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାର ଇତିହାସ, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ “ମାରାଗୁଡ଼ା ଲୋକମହୋତ୍ସବ-୨୦୨୬” ଆଜି ଭବ୍ୟ ମଶାଲ ଶୋଭାଯାତ୍ରା ସହ ଶୁଭାରମ୍ଭ ହୋଇଯାଇଛି । ସକାଳେ କଣାଭଏଁରା ମନ୍ଦିର ଓ ସାଲିହା ସ୍ମୃତି ସ୍ତମ୍ଭରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଂଚିଥିଲା । ପରେ ମଶାଲ ସହ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ଯାହା ମେଘା ହୋଟେଲ ମାର୍ଗ ହୋଇ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ପହଂଚିଥିଲା । ଏଥିରେ ବିଭିନ୍ନ ଦଳ ପକ୍ଷରୁ ଲୋକନୃତ୍ୟ ଓ ସାଂସ୍କୃତିକ ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ମାନ୍ୟବର ବିଧାୟକ ନୂଆପଡା, ଜୟ ଢ଼ୋଲକିଆ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ନୂଆପଡ଼ା, ଖଡିଆଳ, କୋମନା ବ୍ଲକ ଅଧକ୍ଷା, ଖରିଆର ରୋଡ ଏନ୍ ଏ ସି ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ଅନ୍ୟାନ୍ୟ ନିର୍ବାଚିତ ଜନ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସମାଜ ସେବୀ, ଗଣମାଧମ ପ୍ରତିନିଧି, ସଧାରଣ ଲୋକ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଶୋଭାଯାତ୍ରା ମହୋତ୍ସବ ସ୍ଥଳ ପହଂଚିବା ପରେ ମଂଚ ପୂଜନ ଓ ପତାକା ଉତୋଳନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହାପରେ ନେସନାଲ ମହାବିଦ୍ୟାଳୟ ସଭାଗୃହରେ ଏକ ସାରସ୍ୱତ ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ସନ୍ଧ୍ୟା ଘ. ୦୫.୩୦ ଟିକା ସମୟରେ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିବାବେଳେ ପରେ ପରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହୋତ୍ସବର ପ୍ରଥମ ଦିନରେ ଆୟୋଜିତ ଏହି ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା । ସମଗ୍ର କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମାରାଗୁଡ଼ା ଅଂଚଳର ପୁରାତନ ଐତିହ୍ୟ ସହିତ ଜିଲ୍ଲାର ଲୋକକଳା ଲୋକସଂସ୍କୃତିକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପାଂଚ ଦିନିଆ ମହୋତ୍ସବ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ଚାଲିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲାବାସୀଙ୍କୁ ଏହି ଲୋକମହୋତ୍ସବରେ ସକ୍ରିୟ ଭାବେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରାଯାଇଛି ।

# ପିଟିଏସ ଅଧକ୍ଷଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ଡ଼ିସ୍ ୨୦୨୫-୨୬ ପ୍ରଦାନ



ନୟାଗଡ଼(ନିପ୍ର): ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ, ନୟାଗଡ଼ରେ କାର୍ଯ୍ୟରତ ଉପ ଦୂର୍ଗପତି ଶ୍ରୀ ଭବେଶ କୁମାର ନାୟକ (ଓ.ଏ.ପି.ସେ-୧) ଙ୍କୁ ତାଙ୍କର ଉତ୍କୃଷ୍ଟ ସେବା ଓ କର୍ତବ୍ୟନିଷ୍ଠା ପାଇଁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ପ୍ରଶଂସା ପତ୍ର ସହ “ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଡିସ୍ ୨୦୨୫-୨୬” ପ୍ରଦାନ କରାଯାଇଛି । ଏହି ସମ୍ମାନ ତାଙ୍କର ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ସେବା, କାର୍ଯ୍ୟଦକ୍ଷତା ଓ ଶୃଙ୍ଖଳାବଦ୍ଧ ପେଶାଦାରୀ ଭାବନାକୁ ସ୍ୱୀକୃତି ଦେଇଥାଏ । ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟନିଷ୍ଠା, ସମୟନିଷ୍ଠା ଓ ନେତୃତ୍ୱ ଦକ୍ଷତାକୁ ମନେରଖି ଏହି ସମ୍ମାନ ପ୍ରଦାନ କରିଛନ୍ତି । ଶ୍ରୀ ନାୟକ ଜଣେ ଶୃଙ୍ଖଳାବଦ୍ଧ, ଦାୟିତ୍ୱଶୀଳ ଓ ସତ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ପରିଚିତ । ସେ ନିଜ କାର୍ଯ୍ୟକ୍ଷେତ୍ରରେ ସଦା ଶିଷ୍ଟାଚାର, ନିୟମ ପାଳନ ଓ ପ୍ରାମାଣିକତା କୁ ଅଗ୍ରଗଣ୍ୟ କରନ୍ତି, ଯାହା ଅନ୍ୟ ସହକର୍ମୀଙ୍କ ପାଇଁ ପ୍ରେରଣା ହୋଇଥାଏ । ତାଙ୍କର କାର୍ଯ୍ୟଶୈଳୀ ମଧ ଅତ୍ୟନ୍ତ ପ୍ରଶଂସନୀୟ, କାରଣ ସେ ଛାତ୍ର ମାନଙ୍କୁ ସଠିକ୍ ଦିଗଦର୍ଶନ ଦେଇ ସଫଳତାରେ ନେଇଯାଆନ୍ତି । ସହକର୍ମୀ ଓ ଉପରିସ୍ଥ ଅଧକାରୀ ମାନେ ମଧ ତାଙ୍କର କାର୍ଯ୍ୟପ୍ରତି ଅତୁଟ ସମର୍ପଣ କୁ ଉଚ୍ଚମାନ ରେ ମୂଲ୍ୟାଙ୍କନ କରିଛନ୍ତି । ଏହି ସମ୍ମାନ ପାଇଁ ଶ୍ରୀ ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟୁଛି ।

# ପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ତା୩୧.୦୩.୨୬ରିଖ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ମାର୍କଣ୍ଡପୁର ଠାରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଜିତ୍ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ଷଡଙ୍ଗୀ ବାଲ୍ୟ ବିବାହ ଦୂରିକରଣ କରିବା ଉଦ୍ଦେଶ୍ୟରେ ନିଜ ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ । ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତି ତ୍ରିପାଠୀ ଓ ନିହାରିକା ମହାନ୍ତି ନିଜର ଅଭିଭାଷଣ ରଖି ପ୍ରଦୂଷଣ ମୁକ୍ତ ପୃଥିବୀ ବନାଇବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚ୍ଚିବ ବି.ଡ଼ି.ଡି ଚନ୍ଦନା ଅଧକ୍ଷତା କରିବା ସହିତ ନିଜର ଅଭିଭାଷଣରେ କହିଥିଲେ ଯେ ଜଳ, ବାୟୁ ଏବଂ ମୃତିକା ପ୍ରଦୁଷଣକାରୀ ଏବଂ ଏହି ପ୍ରଦୂଷଣ କିପରି ରୋକାଯାଇ ପାରିବ ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ ଏବଂ ଏହା ସହିତ ଜଡିତ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ । ପ୍ଲାଷ୍ଟିକ୍ ପରି ପ୍ରଦୂଷଣ ବଢାଉଥିବା ବସ୍ତୁକୁ ବ୍ୟବହାର କମ କରି ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହୃତ ହୋଇ ପାରୁଥିବା ଜିନିଷକୁ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିଥିଲେ । ପରିଶେଷରେ ସହକାରୀ ଶିକ୍ଷକ ସୁଜନ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଉଦ୍‌ଯାପିତ କରାଯାଇଥିଲା ।

# ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ବିରୋଧ କରି ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ନୂଆପଡ଼ା(ନିପ୍ର): ଖଡ଼ିଆଳ ଠାରେ ନୂଆପଡା ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ, ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରଦାନ ବିରୋଧରେ ଖଡ଼ିଆଳ ଥାନା ଛକ ଠାରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ତଥା ଖଡ଼ିଆଳ ବ୍ଲକ ବିଜେଡ଼ି ସଭାପତି ହିରାଧର ମେହେର ଏବଂ ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ମହମ୍ମଦ ସାହିଦଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସହ ନିଶିକାନ୍ତ ଦୂବେଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଏଥିରେ ନୂଆପଡା ଜିଲ୍ଲା ବିଜୁ ଜନତା ଦଳ ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲ୍ଲା ମହିଳା ସଭାପତି ସନ୍ତୋଷିନି ସଲାମା, ସରସ୍ୱତୀ ବାଗ, ଖଡ଼ିଆଳ ନଗର ସଭାପତି ଦିପକ ଖମାରୀ ବରିଷ୍ଠ ନେତା ୟାସିନ ମହମ୍ମଦ, ଯୋଗେନ୍ଦ୍ର ପାଣ୍ଡେ, ପରିକ୍ଷିତ ସତାନମି, ଦଶମୁ ବେହେରା, ସତପାଲ ଛବଡା, ସୁନିଲ ସାହୁ, ଜିକେ ବାଗ, ରଞ୍ଜିତ ଶବର, ପ୍ରେମଲାଲ ବାଗ, ଲକ୍ଷରାମ ଷଣ୍ଢ, ସୁବାସ ବଘେଲ, ନୀଳାମ୍ବର ମେହେର, ମନୋଜ ସୁନାନୀ, ବରୁଣ ସୁନା, ପବନ ତ୍ରିବେଡି, ପଂଚାନନ ବେହେରା ସମେତ ଶତାଧିକ କର୍ମକର୍ତା ଯୋଗ ଦେଇ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ବିଜେପିର ଶୀର୍ଷ ନେତୃତ୍ୱ କ୍ଷମା ପ୍ରାର୍ଥନା ପାଇଁ ଦାବୀ କରିଥିଲେ ।

# ଚଳିତ ବୋର୍ଡ଼ ପରୀକ୍ଷା ଖାତା ମୂଲ୍ୟାଙ୍କନରେ ବ୍ୟାପକ ଅନିୟମିତତା ଅଭିଯୋଗ

ଧାମନଗର(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାର ମୂଲ୍ୟାଙ୍କନ ପ୍ରକ୍ରିୟା ଏବେ ବିବାଦ ଘେରରେ । ଗତ ଦୁଇ ବର୍ଷ ଧରି ମୂଲ୍ୟାଙ୍କନରେ ସ୍ୱଚ୍ଛତା ରହୁନଥିବା ନେଇ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କିଛି ନିର୍ଦ୍ଦିଷ୍ଟ ଶିକ୍ଷକ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି । ଧାମନଗର ଅଂଚଳର ଜଣେ ପ୍ରଶିକ୍ଷକଙ୍କ ସୂଚନା ଅନୁଯାୟୀ, ଗତ ଦଶ ବର୍ଷ ଧରି କିଛି ନିର୍ଦ୍ଦିଷ୍ଟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମୂଲ୍ୟାଙ୍କନ କାର୍ଯ୍ୟରେ ଏକଚାଟିଆ ପ୍ରଭାବ ବିସ୍ତାର କରିଛନ୍ତି । ଅନୈତିକ ଅର୍ଥ କାରବାର ମାଧମରେ କିଛି ଅଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅଧିକ ମାର୍କ ଦିଆଯାଉଥିବା ନେଇ ପୂର୍ବରୁ ମଧ ଅଭିଯୋଗ ଉଠିଥିଲା । ବିଶେଷ କରି କେନ୍ଦ୍ରାପଡ଼ାର ଜଣେ ପ୍ଲମ୍ବର ଟ୍ରେଡ ପ୍ରଶିକ୍ଷକଙ୍କ ନାମରେ ଗତବର୍ଷ ମାର୍କ ବଂଟନ ସମ୍ପର୍କିତ ଖାତା ଭାଇରାଲ ହୋଇଥିଲେ ସୁଦ୍ଧା, ବୋର୍ଡ କର୍ତୃପକ୍ଷ ତାଙ୍କୁ ଚଳିତ ବର୍ଷ ପୁନର୍ବାର ମୂଲ୍ୟାଙ୍କନ ଦାୟିତ୍ୱ ଦେବା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଅଭିଯୋଗ ଅନୁସାରେ, ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ଏବଂ ସମ୍ବଲପୁରର ଜଣେ ମହିଳା ପ୍ରଶିକ୍ଷିକା ଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଉକ୍ତ ମହିଳା ପ୍ରଶିକ୍ଷିକା ଙ୍କ ପ୍ରଭାବରେ ଅନ୍ୟ ସାଧାରଣ ପ୍ରଶିକ୍ଷକ ମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି । କଥା କଥାରେ ଅନ୍ୟମାନଙ୍କୁ ଧମକ ଚମକ ଦେବା ସହ ନିଜ ପସନ୍ଦର ବ୍ୟକ୍ତିମାନଙ୍କୁ ନେଇ ଗୁପ୍ତ ସଭା କରିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । କଟକ ବୋର୍ଡ ଅଫିସ ନିକଟସ୍ଥ ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ ଓ ଢେଙ୍କାନାଳରେ ଅନେକ ଦକ୍ଷ ପ୍ରଶିକ୍ଷକ ଥିବା ସତ୍ୱେ, ସେମାନଙ୍କୁ ଅଣଦେଖା କରାଯାଇଛି । ବୋର୍ଡ଼ କର୍ତୃପକ୍ଷ ପ୍ରାୟ ୪୦୦ କିଲୋମିଟର ଦୂର ସମ୍ବଲପୁର ଓ କଳାହାଣ୍ଡି ଭଳି ଅଂଚଳରୁ ପ୍ରଶିକ୍ଷକମାନଙ୍କୁ ଡକାଇ ସରକାରୀ ଅର୍ଥର ଅପବ୍ୟୟ କରୁଛନ୍ତି । ବିଶେଷ କରି ରିଟେଲ, ଟୁରିଜିମ୍, ପ୍ଲମ୍ବର ଏବଂ ଆଇଟି ଟ୍ରେଡ୍ ଗୁଡ଼ିକରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଥିବା ସୂଚନା ମିଳିଛି । ପୂର୍ବରୁ ନିହାର ମହାନ୍ତିଙ୍କ ଭଳି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପାଇଁ ବୋର୍ଡ ବଦନାମ ହୋଇଥିବା ବେଳେ, ଏବେ ସେକ୍ରେଟାରୀ ଓ ନିର୍ଦ୍ଦିଷ୍ଟ ମହିଳା ପ୍ରଶିକ୍ଷିକାଙ୍କ ଯୋଗୁଁ ବୋର୍ଡର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ସମ୍ବେଦନଶୀଳ ମାମଲାରେ ବୋର୍ଡ ସଭାପତି ତୁରନ୍ତ ହସ୍ତକ୍ଷେପ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି । ଅପର ପକ୍ଷେ ଛାତ୍ର ଛାତ୍ରୀଙ୍କ ଖାତା କିପରି ବାହାରକୁ ଆସିଲା ତାହା ତଦନ୍ତ ହେବାର ଆବଶ୍ୟକତା ରହିଛି ।





# ଛତ୍ରପୁର ଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ - ୨୦୨୬ ମହା ସମାରୋହରେ ପାଳିତ



ବ୍ରହ୍ମପୁର / ଛତ୍ରପୁର (ନି.ପ୍ର.): ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ- ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି କ୍ଷ ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତଜିଲ୍ଲାପାଳ ( ସାଧାରଣ ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସ ଉପରେ ଆଲୋକପାତ କରିଥିଲେ କ୍ଷ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଭି. ରାଜେନ୍ଦ୍ର ରାଜୁ ଯୋଗଦେଇ ଓଡିଶା ଗଠନ ସମ୍ବନ୍ଧରେ ସବିଶେଷ ତଥ୍ୟ ରଖିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଦେବଦତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପିଡି ସୁନୀଲ କୁମାର କେର୍କଟା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଯୋଗଦେଇ ଥିଲେ କ୍ଷ ପ୍ରାରମ୍ଭ ରେ ଅତିଥି ମାନେ ଜଗନ୍ନାଥ ମାଗପ୍ରଭୁ ଙ୍କ ନିକଟରେ ଦୀପ ପ୍ରଜ୍ୱଳନ ସହିତ ବରପୁତ୍ର ଙ୍କ ଫୋଟ ଚିତ୍ର ଫୁଲ ପ୍ରଦାନ କରି କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ କ୍ଷ ଏହି ଅବସର ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ସକାଳ ୭ ଟାରେ ଛତ୍ରପୁର ସହର ରେ ଥିବା ବିଭିନ୍ନ ବରପୁତ୍ର ଙ୍କ ପ୍ରତିମୂର୍ତି ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଭି. କୀର୍ତି ଭାସନ ଓ ଗଞ୍ଜାମ ଜିଲ୍ଲାପରିଷଦ ର ସିଡିଓ ସମୀର ପ୍ରଧାନ ପୁଷ୍ପମାଲ୍ୟାର୍ପଣ କରି ସମ୍ମାନ ଜଣାଇଥିଲେ ।

# ଉପଖଣ୍ଡସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ

ନୀଳଗିରି (ନି.ପ୍ର.) ନୀଳଗିରି ଉପଖଣ୍ଡ ସଦର ମହକୁମା ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉପଖଣ୍ଡ ସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ମହାନ ଐତିହାସିକ ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରାଂଚଳରେ ଡାକ ବାଜି ଯନ୍ତ୍ର ଯୋଗେ ପ୍ରତ୍ୟୁଷ ଘ.୪ଟୀକା ସମୟରେ'ବନ୍ଦେ ଉତ୍କଳ ଜନନୀ'ବନ୍ଦନା ପ୍ରଚାର କରାଯାଇଥିଲା ।ଏହି ଦିବସ ପାଳନ ଅବସରରେ ସକାଳ ଘ୬.୩୦ ଟୀକା ସମୟରେ ଏନ୍.ଏ. ସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ସ୍ଲୋଗାନରେ ପ୍ରଭାତ ଫେରିରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ମିଳିତ ହୋଇ ଥିଲେଏବଂ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ସମେତ ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବି ଯୋଗ ଦେଇ ମାଲ୍ୟାର୍ପଣ କରିଥିଲେ । ତତ୍ ପରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ଥିବା ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ଏବଂ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱସ୍ଥ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣ ଦିବସ ପାଳନର ଆନୁଷ୍ଠାନିକ ଉତ୍ସବ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଓଡ଼ିଶା ରାଷ୍ଟ୍ର ଗଠନର ମହାନ ମନୀଷୀ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ବିଦ୍ୟାଳୟ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ବରପୁତ୍ର ମାନଙ୍କ ଫୋଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପାର୍ଘ ଧୂପ ଦୀପ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।ସାଧାରଣ ସଭା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ବନ୍ଦନା ଏବଂ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।ଏହି ଦିବସରେ ଆୟୋଜିତ ସଭାରେ ପି ଏମ ଶ୍ରୀ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କୌଶିକ ଦାସ ପୌରୋହିତ୍ୟ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ପରିଚୟ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଦିବସ ପାଳନ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହି ପବିତ୍ର ଦିବସ ପାଳନର ଦିବସ ବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ଅନ୍ୟାନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ଏନ. ଏ. ସି କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା,ପୂର୍ବତନ ବିଧାୟକ ତଥା ଆଇନଜୀବୀ ଶ୍ରୀଯୁକ୍ତ ଚିତ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ମଂଚାସିନ ଥିଲେ ।ଏଥିରେ ନୀଳଗିରି ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ଦେବୀଦତ ପ୍ରୀତି ରଞ୍ଜନ ବେହେରା ସମଗ୍ର ଭାରତ ବର୍ଷରେ ଓଡ଼ିଶା ଭାଷା ଭିତିକ ରାଷ୍ଟ୍ର ଗଠନ ହେବାରେ ପ୍ରଥମ, ରାଷ୍ଟ୍ର ଗଠନର ମହାନ ମନୀଷ ବରପୁତ୍ର ମାନଙ୍କ ସମ୍ପର୍କରେ ସମ୍ୟକ୍ ବକ୍ତବ୍ୟ ରଖି ଥିଲେ । ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଦିବସ ପାଳନର ଆଭିମୁଖ୍ୟ ପ୍ରଗତି ସଂପର୍କରେ ଅଭିଭାଷଣ ରଖିଥିଲେ ।ଦିବସର ମୁଖ୍ୟ ବକ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ରାଷ୍ଟ୍ର ଗଠନର ଇତିବୃତି ବିଶଦ ଭାବରେ ଆଲୋକପାତ କରିଥିଲେ ଏବଂ ଦିବସର ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ରାଷ୍ଟ୍ର ଗଠନର ନାୟକ ମାନଙ୍କ ସ୍ମୃତି ଚାରଣ କରିଥିଲେ ।ଏହି ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା,ତର୍କ, କୁଇଜ୍,ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୁରୀ ଜିଲ୍ଲା ସ୍ତରୀୟ ଓଡିଶା ଦିବସରେ ପୁରସ୍କାର ପ୍ରଦାନ

ପୁରୀ (ନି.ପ୍ର.) ଭାଷା ଭିତିରେ ଆମେ ୧୯୩୬ ମସିହା ଆଜିର ଦିବସ ବା ଅପ୍ରେଲ ୧ ତାରିଖ ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ ।ଇତି ମଧ୍ୟରେ ୯୦ ବର୍ଷ ପୂରଣ ହୋଇ ଆମେ ଚଳିତ ବର୍ଷ କୁ ୯୧ ତମ ଓଡିଶା ଦିବସ ପାଳନ କରୁଛନ୍ତି ।ସେବେର ଓଡିଶା ଓ ବର୍ତମାନ ଓଡିଶା ମଧ୍ୟରେ ଅନେକ ପରିବର୍ତନ ଘଟିଥିଲେ ମଧ୍ୟ ଆମ ମହାନ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅକ୍ଷୁର୍ଣ୍ଣ ରହିଛି ।ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଅତିଥି ମାନେ ।ଆଜି ଅପରାହ୍ନ ରେ ପୁରୀ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ସଂସ୍କୃତି ଭବନ ଠାରେ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ କର୍ଯ୍ୟାଳୟ ପୁରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଆମେ ଦେଶ ବିଦେଶର ଯେଉଁଠି ଥିଲେ ମଧ୍ୟ ଆମ ଭାଷା, ସଂସ୍କୃତି କୁ ଭୁଲିବା ଉଚିତ ନୁହେଁ ।ଆଗାମୀ ପିଢି ଏହା ପ୍ରତି ପ୍ରତିବଦ୍ଧ ହେବାକୁ ସେ ପରାମର୍ଶ ଦେବା ସହ ଆଜିର ଯୁବ ପିଢି ଆମ ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଜାଣିବା, ତାହାକୁ ଆଗକୁ ନେବା ପାଇଁ ପ୍ରଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ ।ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗ ଦେଇ ଓଡିଶା ଦିବସ ର ତାତ୍ପର୍ଯ୍ୟ, ଓଡିଶା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଅତିଥି ମାନେ ପୁରୀ ର ନାଟକ, ନୃତ୍ୟ, ସଂଗୀତ ଓ ଲୋକ କଳା ପ୍ରଚାର ପ୍ରସାର ର ବ୍ୟକ୍ତିତ୍ୱ ତଥା ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଳା ସଂଗଠକ ପ୍ରସନ୍ନ କୁମାର ମିଶ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ମୁରୁଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସାମ୍ବାଦିକ ଆର. ମାଧବରାଓଙ୍କ ଧର୍ମପତ୍ନୀଙ୍କ ବିୟୋଗ



ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମା ସ୍ଥିତ ଦଳେଇ ସାହି ର ଧର୍ମପରାୟଣ ମହିଳା ଆର.ମୁଦୁମାନିକ୍ୟାମ୍ ଙ୍କ ପରଲୋକ ହୋଇଯାଇଛି । ବୋରିଗୁମ୍ମା ଅଂଚଳ ର ବରିଷ୍ଠ ସାମ୍ବାଦିକ ଆର. ମାଧବ ରାଓ ପଟନାୟକ ଙ୍କ ସେ ଧର୍ମପତ୍ନୀ ଅଟନ୍ତି ।ବହୁ ଦିନ ହେବ ସେ ଅସୁସ୍ଥ ଥିଲେ । ଜୟପୁର ର ଏକ ଘରୋଇ ହସ୍ପିଟାଲ ରେ ତାଙ୍କ ଶେଷ ନିଶ୍ୱାସ ଚାଲିଯାଇଥିବା ସୂଚନା ମିଳିଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୮୬ ବର୍ଷ ବୟସ ହୋଇଥିଲା । ମା ଙ୍କୁ ହରେଇ ବଡ ପୁଅ ନରସିଂହ ପଟନାୟକ , ସାନ ପୁଅ ତ୍ରିନାଥ ପ୍ରସାଦ ପଟନାୟକ,ତିନି ଝିଅ ହେମାଲତା ପଟ୍ଟନାୟକ,ଉଷାରାଣୀ ପଟ୍ଟନାୟକ, ମିନାକୁମାରି ପଟ୍ଟନାୟକ,ଦୁଇ ପୁତ୍ର ବଧୂ,ନାତି ନାତୁଣୀ ରିଙ୍କୁ,ଚିଙ୍କୁ, ରଞ୍ଜିତ, ସୁନନ୍ଦା, ପିଙ୍କି, ଚୁନି ସମସ୍ତେ ଶୋକ ପ୍ରକାଶ କରିଛନ୍ତି କ୍ଷବୋରିଗୁମ୍ମା ସହର ର ବହୁ ବ୍ୟକ୍ତି ବିଶେଷଦଳେଇ ସାହି ଆସି ପରଲୋକଗତ ଆର. ମୁଦୁମାନିକ୍ୟାମ ଙ୍କ ଶେଷ ଦର୍ଶନ କରିଥିଲେ ।ବଡ଼ ପୁଅ ନରସିଂହ ପଟ୍ଟନାୟକ ମାଆ ଙ୍କ ମୁଖାଗ୍ନି ଦେଇଥିଲେ ।

# ପି.ଏମ୍.ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଧାମନଗର(ନି.ପ୍ର.): ଧାମନଗର ପି.ଏମ୍.ଶ୍ରୀ ହାଇସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ପଲିଭାରତ ମହାଲିକ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ପ୍ରଦାନ କରିବା ସହ ସେମାନଙ୍କ କର୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ନିଜ ଅଭିଭାଷଣରେ ଅତିରିକ୍ତ ତହସିଲଦାର ଶ୍ରୀ ମହାଲିକ କହିଥିଲେ ଯେ, 'ଛାତ୍ର ଜୀବନ ହେଉଛି ସମଗ୍ର ଜୀବନର ଭିତିଭୂମି । କେବଳ ପାଠ ପଢିବା ଛାତ୍ରର ଧର୍ମ ନୁହେଁ, ବରଂ ଜଣେ ସୁନାଗରିକ ଭାବେ ନିଜର କର୍ତବ୍ୟ ସମ୍ପାଦନ କରିବା ହିଁ ପ୍ରକୃତ ଶିକ୍ଷା ।' ସେ ଆହୁରି ମଧ୍ୟ କହିଥିଲେ ଯେ, ସମୟାନୁବର୍ତିତା ଓ ଶୃଙ୍ଖଳା ଜଣେ ସାଧାରଣ ଛାତ୍ରକୁ ଜୀବନରେ ଶୀର୍ଷ ସ୍ଥାନରେ ପହଂଚାଇଥାଏ । ସମାଜ ପ୍ରତି ନିଜର ଦାୟିତ୍ୱବୋଧ ରଖିବାକୁ ସେ ପରାମର୍ଶ ଦେଇଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସମିର




ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ,ଧାମନଗର ଥାନା ଅଧିକାରୀ ଶୁଭ୍ରଜିତି ଦାସ, ?ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ?ସଂସଦ ପ୍ରତିନିଧି ସରୋଜ ମହାପାତ୍ର, ?ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ମହାପାତ୍ର, ?ପୁରାତନ ଛାତ୍ର ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମସ୍ତ ଅତିଥି ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ ଓ ଛାତ୍ରଙ୍କ ଶୃଙ୍ଖଳାକୁ ଉଚ୍ଚ ପ୍ରଶଂସା କରିଥିଲେ ।ଉତ୍ସବର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ସ୍ୱାଗତ ସଙ୍ଗୀତ ଓ ମନୋରମ ନୃତ୍ୟ ମାଧ୍ୟମରେ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷରେ ଓଡ଼ିଶା ଦିବସ ପାଳନ



ବ୍ରହ୍ମପୁର (ନି.ପ୍ର.): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଆ ପକ୍ଷ ପାଳନର ପ୍ରଥମ ଦିବସ ' ଓଡ଼ିଶା ଦିବସ ' ପାଳିତ ହୋଇଯାଇଛି କ୍ଷ ଏହି ଉପଲକ୍ଷେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା କ୍ଷ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ ଓ ପ୍ରେରଣା ତଥା ସ୍ନାତକୋତର ପରିଷଦ ସମୂହ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ବାଗ୍ମୀ, ଶିକ୍ଷାବିତ୍ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଂଚାସୀନ ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ କରାଯାଇଥିଲା । ଏହା ସହ ଓଡ଼ିଆ ବିଭାଗ ଛାତ୍ର ଶକ୍ତିକାପୁର , ଦୀପକ, ଛାତ୍ରୀ ବିଭୂପ୍ରିୟା, ରୋଜାରାଣୀଙ୍କ ସମେତ ସମବେତ ଭାବେ ' ବନ୍ଦେ ଉତ୍କଳ ଜନନୀ ' ଗାନ କରାଯାଇଥିଲା । ଏହା ପରେ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ଓଡ଼ିଶା ଓ ଓଡ଼ିଆ ଭାଷାର ସୁରକ୍ଷାରେ ଜନବିମ୍ବଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ କ୍ଷ ମଂଚାସୀନ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ମୌଖିକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ କ୍ଷ ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ଉତ୍କଳ ସମ୍ମିଳନୀ ଗଠନର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ କ୍ଷ ମୁଖ୍ୟବକ୍ତା ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ନିଜ ଅଭିଭାଷଣରେ ଉତ୍କଳ ସମ୍ମିଳନୀ,ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ,ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ର ମାନଙ୍କ ଅବଦାନ, ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ଆଜିର ଓଡ଼ିଶା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ କ୍ଷ ଅଧାପିକା ଡ. ସୁସ୍ମିତା ପଟ୍ଟନାୟକ ଅତିଥିଙ୍କୁ ମଂଚକୁ ସ୍ୱାଗତ କରିଥିବା ବେଳେ ଅଧାପକ ଡ. ମନୋରଞ୍ଜନ ବିଷୋୟୀ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ କାର୍ଯ୍ୟକ୍ରମ ଶେଷରେ ଛାତ୍ର କଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ବରୁଣ କୁମାର ବେହେରା, ଅଧାପକ ଶ୍ରୀଯୁକ୍ତ ଅଶୋକ ମୁଦୁଲି ସହାୟତା କରିଥିଲେ କ୍ଷ ଶେଷରେ ଛାତ୍ର ଚେଦିବଂଶ ଗୌତମ ସ୍ୱରଚିତ କବିତା ଆବୃତି କରିଥିଲେ । ଆଜିର କାର୍ଯ୍ୟକ୍ରମ ଅବସରରେ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ଦକ୍ଷିଣ-ପୂର୍ବ ରେଳପଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ଦକ୍ଷିଣ-ପୂର୍ବ ରେଳପଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଆଜି ମଧ୍ୟାହ୍ନରେ ଏକ ହର୍ଷୋଲ୍ଲାସ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆମନ୍ତ୍ରିତ ଅତିଥିମାନେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ କ୍ଷ କୁନି କୁନି ଛାତ୍ରଛାତ୍ରୀ ସମବେତ କଣ୍ଠରେ ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ କ୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା କୁମାରୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ କ୍ଷ ରଙ୍ଗେଇଲୁଣ୍ଡା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ କୁସୁମ କୁମାରୀ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନେ ଜୀବନରେ ନମ୍ର, ବିନୟୀ ଓ ଶୃଙ୍ଖଳିତ ହେବା ସହ ମନଧ୍ୟାନ ପୂର୍ବକ ପାଠ ପଢ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ସ୍ଥାନୀୟ କର୍ପୋରେଟର୍ ତଥା ବରିଷ୍ଠ ଅଧିବକ୍ତା ସଂଜିତ୍ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନରେ ବ୍ରତୀ



ହେଲେ ବିଦ୍ୟାର୍ଥୀଗଣ ଜୀବନରେ ସଫଳ ହେବେ ବୋଲି କହିଥିଲେ କ୍ଷ ସମ୍ମାନିତ ଅତିଥି ରୂପେ ଏସ୍.ଏ.ଏଫ୍.ଟି. କମିଟି ଉପଦେଷ୍ଟା ବିଜୟ ଚନ୍ଦ୍ର ଗୌଡ଼, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୌରହରି ପ୍ରଧାନ, ଉତ୍କଳମଣି କ୍ଲଷ୍ଟର୍ ସି.ଆର୍.ସି.ସି. ଶ୍ରୀମତୀ ମଧୁସ୍ମିତା ଦେବୀ, ପୂର୍ବତନ ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ଲିମା ଓ ପ୍ରାକ୍ତନ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉତମ ଚରିତ୍ର ଗଠନ ସହ ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ କ୍ଷ ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ସୂତାର ଉତ୍ସବର ସଂଯୋଜନା କରିଥିଲେ କ୍ଷ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଶେଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ପୃଥକ୍ ପୃଥକ୍ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳିତ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏମ.ସି.ଏଲ୍ ଅଡିଟୋରିୟମ୍ ଠାରେ ୯୧ତମ ଓଡ଼ିଶା ଦିବସ ତଥା ରାଜ୍ୟ ପ୍ରତିଷ୍ଠା ଦିବସ ଅତି ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜି.ଆର୍ ରାଘବେନ୍ଦ୍ର ଯୋଗଦେଇଥିଲେ । ଏଥିସହ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ଏବଂ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ




ଯୋଗଦେଇ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ସଂଗ୍ରାମକୁ ମନେ ପକାଇଥିଲେ । ସେ କହିଥିଲେ, 'ଭାଷା ଆମର ଅସ୍ମିତା, ସଂସ୍କୃତି ଆମର ଗର୍ବ ଏବଂ ପ୍ରଗତି ଆମର ଲକ୍ଷ୍ୟ । ପ୍ରତ୍ୟେକ ଓଡ଼ିଆଙ୍କ ଭାଗୀଦାରି ହିଁ ଏକ 'ସମୃଦ୍ଧ ଓଡ଼ିଶା' ଗଠନର ମୂଳଦୁଆ । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଏବେଠାରୁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ ।'ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜି.ଆର୍ ରାଘବେନ୍ଦ୍ର ସୁରକ୍ଷିତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରି କହିଥିଲେ, 'ଓଡ଼ିଶା ଦିବସ ଉତ୍ସବ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଏକ ସାମୂହିକ ଶପଥ । ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ଆରକ୍ଷୀ ବାହିନୀ ଏକ ସ୍ୱଚ୍ଛ ଓ ଲୋକାଭିମୁଖୀ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।'ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜବନ୍ଧୁ ଭୋଇ ନିଜ ବକ୍ତବ୍ୟ ରଖି କହିଥିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ହେଉଛି ଅନେକ ସଂଗ୍ରାମ ଓ ତ୍ୟାଗର କାହାଣୀ । ଏଥିସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶାର ଗୌରବମୟ ଇତିହାସ ଏବଂ ବରପୁତ୍ରମାନଙ୍କ ଅବଦାନକୁ ନେଇ ଏକ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ । ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ପ୍ରସ୍ତୁତ 'ପିଠା ପରବ' ଆୟୋଜିତ ହୋଇଥିଲା । ଏଥିରେ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସହ ଓଡ଼ିଶାର ପାରମ୍ପରିକ ସୁଆଦିଆ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା । ଅତିଥିମାନେ ଏହି ଓଡ଼ିଆ ସ୍ୱାଦର ଭରପୂର ଆନନ୍ଦ ନେବା ସହ ଏହାର ପ୍ରଶଂସା କରିଥିଲେ ।ଏହି ଅବସରରେ ଆଜି ପ୍ରାତଃ ସମୟରେ ଜିଲ୍ଲା ପ୍ରଶାସନ ଏବଂ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସଫଳତାର ସହ ପରିଚାଳନା କରିଥିଲେ ।

# ଡିବ୍ରୁଗଡ଼ର ମନୋହାରୀ ଚା' ବାଗାନରେ ଚା ପତ୍ର ତୋଳିଲେ ପ୍ରଧାନମନ୍ତ୍ରୀ



ଡିବ୍ରୁଗଡ଼ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସକାଳେ ଡିବ୍ରୁଗଡ଼ର ମନୋହାରୀ ଚା' ବାଗାନ ପରିଦର୍ଶନ କରିଛନ୍ତି, ଯେଉଁଠାରେ ସେ ଚା' ପତ୍ର ତୋଳିବା ସହ ଆସମର ଚା ଶିଳ୍ପର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ । ସେ ତାଙ୍କର ଗସ୍ତ ସମୟରେ ଚା' ବାଗାନର ମହିଳା ଏବଂ ଅନ୍ୟାନ୍ୟ ଶ୍ରମିକମାନଙ୍କ ସହିତ ଆଲୋଚନା ମଧ କରିଥିଲେ । ଏହି ସମୟରେ ସେ ଶ୍ରମିକମାନଙ୍କ ସହ ଆଲୋଚନା କରି ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ । ଏହି ସଂଲାପ ଚା' ବାଗାନ ଶ୍ରମିକମାନଙ୍କ କଲ୍ୟାଣ ଓ ସଶକ୍ତିକରଣ ପ୍ରତି ସରକାରଙ୍କ ଅଙ୍ଗୀକାରକୁ ପ୍ରକାଶ କରେ । ପ୍ରଧାନମନ୍ତ୍ରୀ ଶ୍ରମିକମାନଙ୍କ ଶିଶୁମାନଙ୍କ ଶିକ୍ଷା, ତାଙ୍କର ମଜୁରି ଏବଂ ସେମାନଙ୍କ ପାଖରେ ଆୟୁଷ୍ମାନ କାର୍ଡ ଅଛି କି ନାହିଁ, ସେଥିପାଇଁ ପଚାରିଥିଲେ । ଉଲ୍ଲେଖନୀୟ ଯେ ନିର୍ବାଚନୀ ପ୍ରଚାର ଅଭିଯାନରେ ଭାଗ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାତିରେ ଡିବ୍ରୁଗଡ଼ ପହଂଚିଥିଲେ ।

# ରାଜ୍ୟରେ ଡିଜିଟାଲ ଜନଗଣନା ରାଜ୍ୟପାଳଙ୍କ ଠାରୁ ଆରମ୍ଭ ହେଲା ସ୍ୱଗଣନା



ଭୁବନେଶ୍ୱର : ରାଜ୍ୟରେ ଆଜିଠାରୁ ଆରମ୍ଭ ହୋଇଛି ଡିଜିଟାଲ ଜନଗଣନା । ଏଣିକି ଘରେ ବସି ନିଜେ କରି ପାରିବେ ସ୍ୱ-ଜନଗଣନା । ପ୍ରଥମ ପର୍ଯ୍ୟାୟରେ ରାଜ୍ୟପାଳଙ୍କ ଠାରୁ ଆରମ୍ଭ ହୋଇଛି ସ୍ୱ-ଜନଗଣନା । ରାଜ୍ୟପାଳ ନିଜ ମୋବାଇଲରୁ ଲଗିନ କରି ଜନଗଣନା କରିଛନ୍ତି । ଜନଗଣନା ପାଇଁ ସରକାର ତିଆରି କରିଛନ୍ତି ୩୩ଟି ପ୍ରଶ୍ନ । ଘର, ପରିବାର, ପରିବାରର ମୁଖ୍ୟ, ଗାଡି, ଜମିବାଡ଼ି, ପରିବାରକୁ ତଥ୍ୟ, ଖଚଏ ପ୍ରମୁଖ ତଥ୍ୟ ସରକାରଙ୍କୁ ଦିଆଯିବ । ଜାତିଗତ ତଥ୍ୟକୁ ମଧ ଜନଗଣନାରେ ସାମିଲ କରାଯିବ । ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ନିଜେ ନିଜେ ଜନଗଣନା କରିପାରିବେ ଜନତା । ଜଣଗଣନାରେ ତଥ୍ୟ ଗୋପନୀୟ ରହିବ । ୧୯୪୮ ଜଣ ଗଣନା ଏକ୍ଟ ଅନୁସାରେ ସବୁ କରାଯାଉଛି । ଜନଗଣନା କାର୍ଯ୍ୟରେ ସମସ୍ତେ ସହଯୋଗ କରିବାକୁ ନିବେଦନ କଲେ ଜନଗଂଣ ନା ନିର୍ଦ୍ଦେଶକ । ୧ ଲକ୍ଷ ଜନଗଣନାକାରୀ ସାମିଲ ହୋଇଛନ୍ତି । ଜନଗଣନାକାରୀଙ୍କୁ ୧୫୦ ରୁ ୨୦୦ ଘର ଆଲର୍ଟ କରାଯାଇଛି । ସେନସ୍ସ ପୋର୍ଟାଲରେ ମାପିଂ କରାଯାଇଛି ।








# ଆସାମର ନିର୍ବାଚନୀ ରାଲିକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଆସାମ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେଠାରେ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନତାଙ୍କୁ ସମ୍ବୋଧନ କରିଛନ୍ତି । କଂଗ୍ରେସ ଦଳ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ । କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ''ଆସାମରେ କଂଗ୍ରେସର ପରାଜୟ ନିଶ୍ଚିତ । କଂଗ୍ରେସର ଆତ୍ମଘୋଷିତ 'ରାଜକୁମାର' ତାଙ୍କର ପରାଜୟର ସଂଚୁରୀରେ ପହଂଚିବାକୁ ଯାଉଛନ୍ତି । ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ, ଆସାମ ଗତ ୧୦ ବର୍ଷ ମଧ୍ୟରେ ସେବା ଏବଂ ସୁଶାସନର ଏକ ନୂତନ ଯୁଗ ଦେଖିଛି । ଏହି ନିର୍ବାଚନ ଭାରତରେ ଆସାମକୁ ଏକ ବିକଶିତ ଆସାମରେ ପରିଣତ କରିବାକୁ ଯାଉଛି । ଏଥର, ବିଜେପି-ଏନଡିଏ ସରକାର ନିଶ୍ଚିତ ଭାବରେ ହ୍ୟାଟ୍ରିକ୍ ସ୍କୋର କରିବ ।'' ଆସାମର ଧେମାଜିରେ ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, '' କଂଗ୍ରେସ ଆସାମରେ ବିଦେଶୀମାନଙ୍କୁ ବସାଇବାକୁ ଏବଂ ଏହି ମାଟିର ପୁଅ ଏବଂ ଝିଅମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚାହୁଁଛି । ବିଜେପି-ଏନଡିଏ ସରକାର ଆମର ଚାଷୀ, ଆଦିବାସୀ ଏବଂ ଆମର ଜଙ୍ଗଲର ଜମିକୁ ଅନୁପ୍ରବେଶକାରୀଙ୍କ ଦଖଲରେ ରଖିବାକୁ ଦେବ ନାହିଁ । ଅବୈଧ ଦଖଲ ବିରୁଦ୍ଧରେ, ବିଜେପି-ଏନଡିଏ ସରକାରଙ୍କ କାର୍ଯ୍ୟ ଜାରି ରହିବ । ଆସାମୀୟ ଗର୍ବ ଏବଂ ପରିଚୟ ଜାରି ରହିବ । ଏହା ମୋଦିଙ୍କ ଗ୍ୟାରେଂଟି । ଆସାମ କଂଗ୍ରେସ ନେତାମାନେ ଏକ ବିପଜ୍ଜନକ ଆଇନ ଗଠନ କରିବା ବିଷୟରେ କଥା ହେଉଛନ୍ତି । ଆଜି ମୁଁ ଆସାମବାସୀଙ୍କ ସମ୍ମୁଖରେ କଂଗ୍ରେସର ଏକ ଚାଲକୁ ପ୍ରକାଶ କରିବାକୁ ଚାହୁଁଛି । ୨୦୧୪ ନିର୍ବାଚନ ପୂର୍ବରୁ, କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏକ ସାମ୍ପ୍ରଦାୟିକ ହିଂସା ଆଇନ ପ୍ରଣୟନ କରିବାକୁ ଚେଷ୍ଟା କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ସେମାନଙ୍କର ସ୍ଥିର ଭୋଟ ବ୍ୟାଙ୍କକୁ ସନ୍ତୁଷ୍ଟ କରିବା । ଏହି ବିଲ୍‌ରେ, ଦଙ୍ଗା ପାଇଁ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟକୁ ଦାୟୀ କରାଯାଇଥିଲା, ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ପୀଡିତ ବୋଲି ଧରାଯାଇଥିଲା । ଏହି ବିଲ୍ ନିଜେ ସାମ୍ପ୍ରଦାୟିକ ଥିଲା, ତେଣୁ ବିଜେପି-ଏନଡିଏ ଏହି ଆଇନକୁ ସଂସଦରେ ପାସ୍ ହେବାକୁ ଦେଇ ନଥିଲା । ଏବେ, ୧୨ ବର୍ଷ ପରେ, ଆସାମରେ ମଧ କଂଗ୍ରେସ ସମାନ ଆଇନ ଗଠନ ଘୋଷଣା କରୁଛି । କଂଗ୍ରେସ ନେତାମାନେ ନିଜେ ଖୋଲାଖୋଲି ଏହି ଘୋଷଣା କରୁଛନ୍ତି । ଏହା ସ୍ପଷ୍ଟ ଯେ କଂଗ୍ରେସ କ୍ଷମତା ହାସଲ ପାଇଁ କିଛି ମଧ କରିପାରିବ । '

# ଭୁବନେଶ୍ୱରରେ ଭିଏଫଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଆଜି ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡା ଠାରେ ଭିଏଫଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଭିସା ଆପ୍ଲିକେସନ୍ ସେଂଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବୀ ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ । କେନ୍ଦ୍ର ସରକାରଙ୍କ ସହଯୋଗରେ ଆଜି ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଂଟର କାର୍ଯ୍ୟକ୍ଷମ ହେଲା । ଏହା ଓଡିଶାବାସୀଙ୍କୁ ଆନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ । ଏହାଦ୍ୱାରା ଓଡିଶାର ଗ୍ଲୋବାଲ କନେକ୍ଟିଭିଟି ଢାଂଚା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି କେନ୍ଦ୍ର ସ୍ଥାପିତ ହେବାଦ୍ୱାରା ସମଗ୍ର ବିଶ୍ୱ ସହିତ ଓଡିଶାର କନେକ୍ଟିଭିଟି ବୃଦ୍ଧିହେବ । ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ । ସେ କହିଥିଲେ ଯେ, ଏପରି ପଦକ୍ଷେପ ଓଡିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଆନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ । ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଶିକ୍ଷାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡିଶାରେ ଏକ ଭିସା ଆପ୍ଲିକେସନ୍ ସେଂଟରର ଆବଶ୍ୟକତା ଥିଲା । ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା । ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଂଟର ପାଇଁ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକ୍କୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ । ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଭିଏଫଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି ।ଭିଏଫଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜୁବିନ କା ?କରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରକୁ ଭିସାସେବା ଯୋଗାଇ ଦେଉଛି । ଭାରତର ୨୦ ଟି ସହରରେ ଏହି ସଂସ୍ଥାର ୫୬୦ ଟି ଭିସା ଆପ୍ଲିକେସନ ସେଂଟର କାମ କରୁଛି । ଭିଏଫଏସ୍ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି । ୧୬୭ଟି ଦେଶରେ ଏହିସଂସ୍ଥାର ୪,୦୦୦ରୁ ଅଧିକ କେନ୍ଦ୍ର ରହିଛି । ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନ ସଭାର ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଭିଏଫଏସ୍ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଉପସ୍ଥିତ ଥିଲେ ।

# କମର୍ସିଆଲ ଏଲପିଜି ଦର ବଢ଼ାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : ଇରାନ-ଇସ୍ରାଏଲ ଯୁଦ୍ଧ ମଧରେ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି । ସରକାରୀ PSU IOC, HPCL, ଏବଂ BPCL ଆଜି ୧୯



କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ଯଥେଷ୍ଟ ବୃଦ୍ଧି କରିଛନ୍ତି । ବିଶ୍ୱ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ତୈଳ କମ୍ପାନିଗୁଡ଼ିକ ବୁଧବାର ବାଣିଜ୍ୟିକ ଏଲପିଜି (୧୯ କିଲୋଗ୍ରାମ) ସିଲିଣ୍ଡରର ମୂଲ୍ୟରେ ୧୯୫.୫୦ ଟଙ୍କା ବୃଦ୍ଧି କରିଛନ୍ତି । ୧୪.୨ କିଲୋଗ୍ରାମ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ । ମାର୍ଚ୍ଚ ୭ ତାରିଖରେ ସେମାନଙ୍କର ମୂଲ୍ୟ ବୃଦ୍ଧି କରାଯାଇଥିଲା । ନୂଆଦିଲ୍ଲୀରେ ୧୯ କେଜି କମର୍ସିଆଲ ଖଚଏ ଦର ୧୮୮୪ ଟଙ୍କା ୫୦ ପଇସା ହୋଇଛି । ସେହିପରି ଭୁବନେଶ୍ୱରରେ ୧୯ କେଜି କମର୍ସିଆଲ ଖଚଏ ଦର ୨୦୨୯ ଟଙ୍କା ହୋଇଛି । ବାଣିଜ୍ୟିକ ଗ୍ୟାସର ବୃଦ୍ଧି ପାଉଥିବା ମୂଲ୍ୟ ରେଷ୍ଟୁରାଂଟ ଏବଂ କ୍ୟାଟରିଂ ବ୍ୟବସାୟ ପାଇଁ ଖର୍ଚ୍ଚ ବୃଦ୍ଧି କରିବ । ଆଗାମୀ ଦିନରେ ବାହାରକୁ ଖାଇବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମଧ ମହଙ୍ଗା ହୋଇପାରେ ବୋଲି ଆଶଙ୍କା କରାଯାଉଛି । ତଥାପି, ଘରୋଇ ରନ୍ଧନ ଗ୍ୟାସ (୧୪.୨ କିଲୋଗ୍ରାମ) ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ।

# ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସଇର ସିଟି ଏବଂ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅର୍ଥାତ୍ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଦିନରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ନୂତନ 'କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ୍ ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ' (ସିଟି ଏବଂ ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମ ଜାତୀୟ ଶିକ୍ଷା ନୀତି -୨୦୨୦ ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ଆଜି ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଛି । ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ସହଯୋଗରେ ବିକଶିତ ଏହି ପାଠ୍ୟକ୍ରମ, ସିବିଏସଇ ବିଦ୍ୟାଳୟ ବ୍ୟବସ୍ଥାରେ ସଂରଚିତ ଏଆଇ ଶିକ୍ଷାକୁ ବ୍ୟାପକ ଭାବେ ପ୍ରଚଳନ କରିବ । ନୂତନ ଶିକ୍ଷାବର୍ଷର ଆରମ୍ଭରୁ ଏହି ପାଠ୍ୟକ୍ରମର ପ୍ରଚଳନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧରେ କେବଳ ବୈଷୟିକ ଜ୍ଞାନ ବୃଦ୍ଧି ହେବ ନାହିଁ, ବରଂ ସେମାନଙ୍କର ସୃଜନଶୀଳତା, ଡିଜାଇନ ଓରିଏଂଟେସନ ଏବଂ ସମସ୍ୟା ସମାଧାନର ଦକ୍ଷତା ମଧ ବିକଶିତ ହେବ । "ଏଆଇ ଫର୍ ଏଜୁକେସନ, ଏଆଇ ଇନ୍ ଏଜୁକେସନ" ର ଭିଜନକୁ ଆଧାର କରି ଏହି ଶିକ୍ଷା ବ୍ୟବସ୍ଥା ଭାରତର ଶିଶୁମାନଙ୍କୁ କେବଳ ପ୍ରଯୁକ୍ତିବିଦ୍ୟାର ୟୁଜର୍ ନୁହେଁ, ବରଂ ଆଗାମୀ ଦିନରେ ଟେକ୍ନୋଲୋଜିର ଉଦ୍ଭାବକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ । ପାଠ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏଥିରେ ଶିଶୁମାନଙ୍କ ବୟସ ଓ ବୁଦ୍ଧି ଅନୁସାରେ ସରଳ ଓ ପ୍ରଣାଳୀବଦ୍ଧ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନ ପାଇଛି । ଏହା ସହିତ ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ବ୍ୟାପକ ତାଲିମ ଏବଂ ସ୍ୱତନ୍ତ୍ର 'ଶିକ୍ଷକ ମାର୍ଗଦର୍ଶିକା' ବା ଟିଚର ହ୍ୟାଣ୍ଡବୁକ୍ ପ୍ରଦାନ କରାଯିବ । ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଯାଂଚ କରିବା ପାଇଁ ଅତ୍ୟାଧୁନିକ ଆସେସମେଂଟ ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି । ଶ୍ରୀ ପ୍ରଧାନ ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିଥିବା ଯୋଗୁଁ ସିବିଏସଇ ଏବଂ ଏନସିଇଆରଟିକୁ ଧନ୍ୟବାଦ ଜଣାଇଛନ୍ତି ।

# ଆଗାମୀ ୫ଦିନ ରାଜ୍ୟରେ ବର୍ଷା ସମ୍ଭାବନା !



ଭୁବନେଶ୍ୱର : ରାଜ୍ୟରେ ଖରା, ଗରମ ଗୁଳୁଗୁଳି ଅନୁଭୂତ ହେଉଛି । କାଁଭାଁ କୋହଲିଆ ପାଗ ରହିଥିବା ବେଳେ ଆହୁରି ୫ ଦିନ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉତର ଓଡିଶା ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ ଏହାର ପ୍ରଭାବରେ ରାଜ୍ୟରେ ୫ଦିନ ଯାଏ ବଜ୍ରପାତ ସହ ପବନ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟାରେ କୋରାପୁଟ, ମାଲକାନଗିରି, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୪ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏପ୍ରିଲ ୨ତାରିଖ ଯାଏଁ ବିଜୁଳି ଘଡଘଡି ସହ ବର୍ଷା ବଜ୍ରପାତର ସମ୍ଭାବନା ଥିବାବେଳେ କିଛି ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୩ ସହରରେ ୩୯ ଡିଗ୍ରୀ ତାପମାତ୍ରା ସହ ଟିଟିଲାଗଡରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ତାତିର ତାଉରେ ସିଝୁଛି ପଶ୍ଚିମ ଓଡ଼ିଶା ।

# ଆଇପିଏଲ-୨୦୨୬ : ଲକ୍ଷ୍ନୌକୁ ୧୪୧ ରନ୍‌ର ଟାର୍ଗେଟ ଦେଲା ଦିଲ୍ଲୀ କ୍ୟାପିଟାଲ୍‌ସ



ଲକ୍ଷ୍ନୌ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ପଂଚମ ମୁକାବିଲା ଲକ୍ଷ୍ନୌ ସୁପର ଜଏଂଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧରେ ଖେଳାଯାଉଛି । ଉଭୟ ଦଳ ମଧରେ ଏହି ମ୍ୟାଚ୍ ଲକ୍ଷ୍ନୌସ୍ଥିତ ଭାରତରନ୍ ଶ୍ରୀଅଟଳ ବିହାରୀ ବାଜପେୟୀ ଇକାନା ଷ୍ଟାଡିୟମରେ ହୋଇଛି । ଏହି ମ୍ୟାଚ୍‌ରେ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଲକ୍ଷ୍ନୌ ଦଳ ବ୍ୟାଟିଂ କରିଥିଲା । ଦିଲ୍ଲୀ ଟିମ୍ ସଫଳ ରଣନୀତି କରି ଘରୋଇ ଦଳକୁ ୧୪୧ ରନ୍‌ରେ ଅଟକାଇ ଦେଇଛି । ଫଳରେ ଦିଲ୍ଲୀକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୪୨ ରନ୍‌ର ଲକ୍ଷ୍ୟ ମିଳିଛି । ଦିଲ୍ଲୀର ବୋଲିଂରେ ସଫଳ ନାୟକ ହୋଇଛନ୍ତି ଲୁଙ୍ଗି ଏନ୍‌ଗିଡି ଏବଂ ଏନ୍ ନଟରାଜନ । ଉଭୟ ବୋଲର ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଲୁଙ୍ଗି ୩.୪ ଓଭର ବୋଲିଂ କରିଥିଲେ ଏବଂ ୨୭ ରନ୍ ଖର୍ଚ୍ଚ କରିଥିଲେ । ସେହିପରି ନଟରାଜନ ୪ଓଭର ବୋଲିଂ କରି ୨୯ ରନ୍ ଦେଇଥିଲେ । କୁଳଦୀପ ଯାଦବଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ଅଧିନାୟକ ଅକ୍ଷର ପଟେଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା । ଲକ୍ଷ୍ନୌ ପାଇଁ ଅବଦୁଲ ସମନ୍ଦ ସର୍ବାଧିକ ୩୬ ରନ୍ ସଂଗ୍ରହ କରିଥିଲେ । ସେ ୨୫ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ୨୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୩ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ । ଶହବାଜ ଅହମଦ ଅପରାଜିତ ୧୫ ରନ୍, ମୁକୁଲ ଚକ୍ରବର୍ତୀ ୧୪ ରନ୍ ଏବଂ ଆଇଦେନ୍ ମାର୍କରାମ ୧୧ ରନ୍ କରିଥିଲେ । ଦଳର ଅନ୍ୟ ବ୍ୟାଟରମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

# ଆଇସିସି ମାନ୍ୟତା : ଶୀର୍ଷରେ ଅଭିଷେକ



ନୂଆଦିଲ୍ଲୀ: ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ସୀମିତ ସଫଳତା ସତ୍ତ୍ୱେ ଭାରତର ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଆଇସିସି ମାନ୍ୟତାରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି । ସେ ମୋଟ ୮୭୫ ପଏଂଟ ସହ ନଂ୧ ସ୍ଥାନରେ ରହିଛନ୍ତି । ତାଙ୍କର ସାଥୀ ଖେଳାଳି ଇଶାନ କିଶନ ୮୭୧ ପଏଂଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିପରି ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପାକିସ୍ତାନର ଶାହିବଜାଦା ଫରହାନ ୮୪୮ ପଏଂଟ ସହ ତୃତୀୟ ସ୍ଥାନରେ ଓ ଚତୁର୍ଥରେ ଇଂଲଣ୍ଡର ଫିଲ୍ ସଲ୍ଟ ରହିଛନ୍ତି । ତାଲିକାର ୬ଷ୍ଠ ସ୍ଥାନରେ ତିଳକ ବର୍ମା ଓ ୭ମରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅଛନ୍ତି । ତାଲିକାର ପ୍ରଥମ ୧୦ଜଣଙ୍କ ମଧରେ ଭାରତୀୟ ଦଳର ଚାରିଜଣ ବ୍ୟାଟର ଅଛନ୍ତି । ଟ୍ୱେଂଟି-୨୦ ବୋଲିଂ ମାନ୍ୟତାରେ ଆଫଗାନିସ୍ତାନର ରସିଦ ଖାଁ ପ୍ରଥମ ଓ ଭାରତର ବରୁଣ ଚକ୍ରବର୍ତି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଓ ଟେଷ୍ଟ ମାନ୍ୟତାରେ ଇଂଲଣ୍ଡ ଜୋ ରୁଟ୍ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଦିନିକିଆ ମାନ୍ୟତାରେ ଭାରତର ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଅନ୍ୟପକ୍ଷରେ ଭାରତୀୟ ଦଳ ଉଭୟ ଟ୍ୱେଂଟି-୨୦ ଓ ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନରେ ରହିଛି । ତେବେ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ଥିବାବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି ।

# ଭାରତର ସିରିଜ୍ ଘୋଷଣା, ୩ଟି ମ୍ୟାଚର ତାରିଖ-ଭେନ୍ୟୁ ଜାରି କଲା ବିସିସିଆଇ



ନୂଆଦିଲ୍ଲୀ : ଟି-ଟ୍ୱେଂଟି ବିଶ୍ୱକପ ବିଜୟୀ ଭାରତୀୟ କ୍ରିକେଟ୍ ଦଳକୁ ନେଇ ଆଉ ଏକ ସିରିଜ୍ ଘୋଷଣା କରାଯାଇଛି । ବିସିସିଆଇ ଏହି ସିରିଜ୍ ପାଇଁ ତାରିଖ ଏବଂ ସ୍ଥାନ ଘୋଷଣା କରିଛି । ଏହି ସିରିଜ୍ ଜୁଲାଇରେ ଅନୁଷ୍ଠିତ ହେବ, ଯେଉଁଥିରେ ଜିମ୍ବାୱେ ବିପକ୍ଷରେ ତିନୋଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ । ପୂର୍ବରୁ ଘୋଷିତ ସିରିଜ୍ ପରେ ଏହା ଆଉ ଏକ ନୂଆ ସିରିଜ୍ । ଏହି ସିରିଜ୍ ଯୁବ ଏବଂ ଉଦୀୟମାନ ଭାରତୀୟ ଖେଳାଳିଙ୍କ ପାଇଁ ସୁଯୋଗ ଆଣିପାରେ । ଜୁଲାଇରେ ଜିମ୍ବାୱେ ଗସ୍ତ କରିବ ଇଣ୍ଡିଆ- ଟିମ୍ ଇଣ୍ଡିଆ ଜୁଲାଇରେ ଜିମ୍ବାୱେ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଅନ୍ତର୍ଜାତୀୟ ସିରିଜ୍ ଖେଳିବ । ବିସିସିଆଇ ଘୋଷଣା କରିଛି ଯେ ସିରିଜର ପ୍ରଥମ ମ୍ୟାଚ୍ ୨୩ ଜୁଲାଇରେ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ୨୫ ଜୁଲାଇରେ ଖେଳାଯିବ ଏବଂ ତୃତୀୟ ଏବଂ ଶେଷ ମ୍ୟାଚ୍ ୨୬ ଜୁଲାଇରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ ସମାନ ସ୍ଥାନରେ ଅନୁଷ୍ଠିତ ହେବ । ହରାରେର ହରାରେ ସ୍ପୋର୍ଟ୍ସ ଷ୍ଟାଡିୟମରେ ଖେଳାଯିବ ମ୍ୟାଚ । ଏହାର ଅର୍ଥ ହେଉଛି ଦଳକୁ ଅନ୍ୟ କୌଣସି ସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ ନାହିଁ । ଏହି କାରଣରୁ ଶେଷ ଦୁଇଟି ମ୍ୟାଚ୍ ମାତ୍ର ଦୁଇ ଦିନରେ ଖେଳାଯିବ । ଚଳିତ ବର୍ଷ କୌଣସି ବଡ଼ ଟି-୨୦ ଟୁର୍ଣ୍ଣାମେଂଟ ନାହିଁ- ଚଳିତ ବର୍ଷ ବର୍ତମାନ କୌଣସି ବଡ଼ ଟୁର୍ଣ୍ଣାମେଂଟ ନାହିଁ । ତେଣୁ, ଏହି ସିରିଜରେ ଭାରତର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିବାର ସମ୍ଭାବନା କମ୍ । ଅର୍ଥାତ ଭାରତର ଯୁବ ଖେଳାଳିମାନେ ଅଂଶଗ୍ରହଣ କରିପାରନ୍ତି । ଏହା ମଧ ସମ୍ଭବ ଯେ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ନ ହୋଇପାରନ୍ତି ଏବଂ ଅନ୍ୟ ଜଣେ ଖେଳାଳିଙ୍କୁ ଅଧିନାୟକ ନିଯୁକ୍ତ କରାଯାଇପାରେ । ବର୍ତମାନ ଆଇପିଏଲରେ ଖେଳୁଥିବା ଖେଳାଳି ଯେଉଁମାନେ ଟୁର୍ଣ୍ଣାମେଂଟରେ ଭଲ ପ୍ରଦର୍ଶନ କରନ୍ତି ସେମାନଙ୍କୁ ସୁଯୋଗ ଦିଆଯାଇପାରେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**